ବର୍ଷ-୨୫, ସଂଖ୍ୟା-୬୧
ଭୁବନେଶ୍ୱର
୦୩, ମାର୍ଚ୍ଚ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 61
Bhubaneswar
03, March, 2025, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




କୋହଲିଙ୍କ ୩୦୦ତମ ଦିନିକିଆ

# ସେମିରେ ଅଷ୍ଟ୍ରେଲିଆକୁ ଭେଟିବ ଭାରତ

## ଅନ୍ତିମ ଲିଗ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ଭାରତର ହ୍ୟାଟ୍ରିକ ବିଜୟ, ବରୁଣଙ୍କ କମାଲ୍

ଦୁବାଇ, ୨।୩: ଦୁବାଇରେ ଚାଲିଥିବା ଆଇସିସି ଚମ୍ପିଅନ୍ସ ଟ୍ରଫିରେ ଭାରତର ହାଟ୍ରିକ ବିଜୟ ଲାଭ କରିଛି। ଏହି ବିଜୟ ସହ ଭାରତ ସେମିଫାଇନାଲରେ ପହଞ୍ଚିଛି । ଆଇସିସି ଚମ୍ପିଅନ୍ସ ଟ୍ରଫିର ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବ। ଭାରତ ଆଜି ଖେଳାଯାଇଥିବା ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୪୪ରନ୍‌ରେ ହରାଇ ଭାରତ ବିଜୟୀ ହୋଇଛି। ଭାରତ ନ୍ୟୁଜିଲାଣ୍ଡକୁ ୨୫୦ ରନ୍ ଟାର୍ଗେଟ ଦେଇଥିଲା। ୨୫୦ ରନ୍ ଟାର୍ଗେଟକୁ ପିଛା କରି ନ୍ୟୁଜିଲାଣ୍ଡ ୨୦୫ରେ ଅଲଆଉଟ ହୋଇଯାଇଛି। ସର୍ବାଧିକ ୫ ଓ୍ୱିକେଟ ହାସଲ କରି ସ୍ପିନର ବରୁଣ ବରୁଣ ଚକ୍ରବର୍ତ୍ତିଙ୍କ ଧରାଶାୟୀ କରିଛନ୍ତି।

ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମଠାରେ ଚାଲିଥିବା ଆଇସିସି ଚାମ୍ପିଅନ୍ସ ଟ୍ରଫିର ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୪୪ ରନରେ ଭାରତ ପରାସ୍ତ କରିଛି ଭାରତ ପକ୍ଷରୁ ନ୍ୟୁଜିଲାଣ୍ଡ ପାଇଁ ୨୫୦ ରନ ଟାର୍ଗେଟ ରଖାଯାଇଥିଲା। ନ୍ୟୁଜିଲାଣ୍ଡ ୪୫.୩ ଓଭରରେ ୨୦୫ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କେନ ଓ୍ୱିଲିୟମସନ ୮୧ ରନ କରିଥିବାବେଳେ ମିଚେଲ ସାଣ୍ଟନର ୨୮ ରନ ଓ ଓ୍ୱିଲ ୟଙ୍ଗ ୨୨ ରନ କରିଥିଲେ । ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୫ଟି ଓ କୁଲଦୀପ ଯାଦବ




୨ଟି ଓ୍ୱିକେଟ ନେଇଥିଲେ । ସେମିଫାଇନାଲରେ ଅଷ୍ଟ୍ରେଲିଆ। ବିପକ୍ଷରେ ଭାରତ ଖେଳିବ।

ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆରମ୍ଭରୁ ହିଁ ନିଜର ତାରକା ବ୍ୟାଟ୍ସମ୍ୟାନଙ୍କୁ ହରାଇ ସଂକଟରେ ପଡ଼ିଥିଲା। ଚମ୍ପିଅାନ୍ସ ଟ୍ରଫିରେ ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚରେ ଟିମ ଇଣ୍ଡିଆ। ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୪୯ ରନ ସଂଗ୍ରହ କରିଥିଲା। ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଭାରତୀୟ ଦଳ ଶ୍ରେୟସ ଆୟାରଙ୍କ ଗୁରୁତ୍ୱପୂର୍ଣ୍ଣ ୭୯ ରନ ଏବଂ ଅକ୍ଷର ପଟେଲ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୪୫ ରନ ବଳରେ ଭାରତ ୨୪୯ ରନ କରିବାକୁ ସକ୍ଷମ ହୋଇଥିଲା ।ଦୁଇ ଓପନର ଯୋଡ଼ି ରୋହିତ ଶର୍ମା ଏବଂ ଶୁବମନ ଗିଲଙ୍କ ସମେତ ବିରାଟ କୋହଲି ଆଜି ବ୍ୟାଟିଂ ବିଫଳତାର ଶିକାର ହୋଇଥିଲେ ଯାହାଫଳରେ ଦଳକୁ ବଡ଼ ସ୍କୋର କରିବାରେ ସଫଳ ହୋଇନଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ ହେନେରୀ ଘାତକ ବୋଲିଂ କରିଥିଲେ ସେ ୮ ଓଭରରେ ୪୨ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ ।କାଇଲ ଜେମିସନ, ଓ୍ୱିଲ ଓ ରୁରକେ, ମିଚେଲ ସାଣ୍ଟନର, ରଚିନ ରବୀନ୍ଦ୍ର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

## ୪୭ ଅଧିକାରୀଙ୍କ କଟିବ ଦରମା

**ଭୁବନେଶ୍ୱର, ୨।୩(ମହାଭାରତ):** ମୁଖ୍ୟମନ୍ତ୍ରୀଙ୍କର ଜନଶୁଣାଣି ହେଉ କିମ୍ବା ମନ୍ତ୍ରୀ ଓ ଜିଲ୍ଲାପାଳଙ୍କର ଜନଶୁଣାଣି କୌଣସି ଜନଶୁଣାଣି ସଂପର୍କରେ ଅଭିଯୋଗକାରୀମାନଙ୍କୁ ଉଚିତ ନ୍ୟାୟ ଦେବା ପାଇଁ ତଳିଆ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି। କିନ୍ତୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏହି ନିର୍ଦ୍ଦେଶନାମାକୁ ତଳିଆ କର୍ମଚାରୀମାନେ ଅଣଦେଖା କରୁଥିବା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସୁଛି। ଏପରିକି ମୁଖ୍ୟ ଶାସନ ସଚିବ ପାହ୍ୟାର ସଚିବମାନଙ୍କର ଲେଖାପ୍ରତି ବିଡିଓ, ତହସିଲଦାରମାନେ ମଧ୍ୟ ଅଣଦେଖା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ମାଳ ମାଳ ଅଭିଯୋଗମାନ ଆସିବାରେ ଲାଗିଛି। ତେଣୁ ଏଭଳି କର୍ମଚାରୀମାନଙ୍କ ତାଲିକା ରାଜ୍ୟ ସରକାରଙ୍କ ପକ୍ଷରୁ ସଂଗ୍ରହ କରାଯାଉଛି। ଏବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଏହା ମଧ୍ୟରେ କଟକ ଜିଲ୍ଲାର କିଛି ବିଭାଗୀୟ ଅଧିକାରୀ ଜନଶୁଣାଣି ଅଭିଯୋଗ ଶୁଣାଣିକୁ ଅବହେଳା କରିଛନ୍ତି। ତେଣୁ ସେହି ସବୁ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ଜିଲ୍ଲା ଟ୍ରେଜେରୀ ଅଧିକାରୀଙ୍କୁ ନୋଟିସ କରାଯାଇଛି। ଏହି କାରଣ ପାଇଁ ସାଲେପୁର ସାଲେପୁର ବିଡ଼ିଓ ମାହାଙ୍ଗା ବିଡ଼ିଓ, ନିଶ୍ଚିନ୍ତକୋଇଲି ବିଡ଼ିଓ, ଟାଙ୍ଗୀ ଚୌଦ୍ୱାର ବିଡ଼ିଓ, କଟକ ସଦର ବିଡ଼ିଓ, ଆଠଗଡ଼ ବିଡ଼ିଓ, ବାଙ୍କୀ ବିଡ଼ିଓ, ବଡମ୍ବା ବିଡ଼ିଓ, ତିଗିରିଆ ବିଡ଼ିଓ, ତହସିଲଦାରଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ବହୁ ଅଧୀକାରୀଙ୍କ ସହ ଅଭିଯୋଗପତ୍ର ଉପରେ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଯୋଗୁଁ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ନୋଟିସ କରାଯାଇ ଥିବା ନେଇ ପ୍ରକାଶ ପାଇଛି।

## କେନ୍ଦୁଝର ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ



**କେନ୍ଦୁଝର, ୨।୩(ମହାଭାରତ):** ଯେକୌଣସି ସମାଜର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ହେଉଛନ୍ତି ଆମର କୃଷକ ସମାଜ ଯେଉଁମାନେ ଖରା, ବର୍ଷା, ଶୀତକୁ ଭ୍ରୂକ୍ଷେପ ନ କରି ହାଡଭଙ୍ଗା ପରିଶ୍ରମଦ୍ୱାରା ଆମ୍ଭ ସମସ୍ତଙ୍କୁ ଆହାର ଦେଇଥାନ୍ତି । ସେମାନଙ୍କ ବିନା ସମାଜର ପରିକଳ୍ପନା କରିବା ଅସମ୍ଭବ। ତେଣୁ, ଅନ୍ନଦାତାଙ୍କୁ ଯେତେ ଧନ୍ୟବାଦ କଲେ ମଧ ତାହା ସବୁବେଳେ କମ ହିଁ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ପାଂଚ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଆଂଚଳିକ କୃଷି ଯନ୍ତ୍ରପାତି ମେଳାକୁ ଉଦଘାଟନ କରି ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି ମଧ ଓଡିଶା ଏକ କୃଷି ଭିତ୍ତିକ ରାଜ୍ୟ ଭାବେ ୬୦ ପ୍ରତିଶତରୁ ବି ଉର୍ଦ୍ଧ୍ୱ ଲୋକେ କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ ଉପରେ ନିର୍ଭରଶୀଳ ଥିବାରୁ ଆମ ସରକାର ଆସିବାର ମାତ୍ର ୨୪ ମିନିଟ ମଧ୍ୟରେ ରାଜ୍ୟର ଚାଷୀ ଭାଇ ଓ ଭଉଣୀଙ୍କ ଆୟରେ ବୃଦ୍ଧିକରିବା ପାଇଁ କୃଷକ ସମୃଦ୍ଧି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଯାହା ଆମ ସରକାରଙ୍କ କୃଷି ଓ କୃଷକଙ୍କ କଲ୍ୟାଣ ନିମନ୍ତେ ଥିବା ପ୍ରତିଶ୍ରୁତିବଦ୍ଧତାକୁ ପ୍ରଦର୍ଶନ କରୁଛି ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ।

ଜଳବାୟୁ ପରିବର୍ତ୍ତନ, ଅସ୍ଥିର ବଜାର ମୂଲ୍ୟ ଏବଂ ଶ୍ରମିକ ଅଭାବ କୃଷି ଉତ୍ପାଦନକୁ ବାଧା ଦେଇଥାଏ। ସେଥିପାଇଁ ଏହି ମେଳା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୃଷିକ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କୃଷି ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କିପରି ଚ୍ୟାଲେଞ୍ଜ ଗୁଡ଼ିକ ମଧ୍ୟରୁ କିଛି ହ୍ରାସ କରାଯାଇପାରିବ ଓ ଦକ୍ଷତା, ଉତ୍ପାଦକତା ଏବଂ ଶେଷରେ ଲାଭଦାୟକତା ବୃଦ୍ଧି କରାଯାଇପାରିବ, ତାକୁ ଦୃଷ୍ଟିରେ ରଖି ଏହି ମେଳା ଆୟୋଜନ କରାଯାଇଛି। ଏହା ଆମର କୃଷି ପଦ୍ଧତିକୁ ଆଧୁନିକୀକରଣ କରିବା ସହିତ ଆମର ଚାଷୀଭାଇମାନଙ୍କୁ ଆଜିର ବିଶ୍ୱ ବଜାରରେ ପ୍ରତିଯୋଗୀ ଭାବେ ଗଢ଼ି ତୋଳିବାରେ ସକ୍ଷମ ହେବ ବୋଲି ଶ୍ରୀ ମାଝୀ ପ୍ରକାଶ କରିଥିଲେ ।

ଆହୁରି ମଧ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ଅଭିଭାଷଣରେ ୨୦୨୫-୨୬ ବଜେଟରେ କୃଷି ଓ କୃଷକଙ୍କ କଲ୍ୟାଣ ନିମନ୍ତେ ବହୁବିଧ ଯୋଜନା ପ୍ରସ୍ତୁତ କରାଯାଇଛି ଏବଂ ପର୍ଯ୍ୟାପ୍ତ ଅର୍ଥର ବ୍ୟବସ୍ଥା କରାଯାଇଛି । ସମୃଦ୍ଧ କୃଷକ ଯୋଜନା ଅନ୍ତର୍ଗତ ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଅଧିକ ଅର୍ଥ ଇନପୁଟ ସହାୟତା ଆକାରରେ ପ୍ରଦାନ କରାଯାଇ କୁଇଂଟାଲ ପିଛା ୩ ହଜାର ୧ ଶହ ଟଙ୍କାରେ ଧାନ କିଣାଯାଉଛି । ଏହି ଯୋଜନାର ବଜେଟ, ୫ ହଜାର କୋଟିରୁ ୬ ହଜାର କୋଟିକୁ ବୃଦ୍ଧି କରାଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ 'ପିଏମ କିଷାନ'କୁ ରାଜ୍ୟ ଯୋଜନା 'ସିଏମ କିଷାନ' ସହିତ ସମିଶ୍ରଣ କରାଯାଇ କୃଷକମାନଙ୍କ ଆୟ ବୃଦ୍ଧି ଲକ୍ଷ୍ୟକୁ ସାକାର କରିବା ପାଇଁ ବଜେଟରେ ୨ ହଜାର ୨୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି।

ମାଣ୍ଡିଆ ଚାଷ ଦ୍ୱାରା ଖାଦ୍ୟ ସୁରକ୍ଷା ଓ ପୋଷଣର ଆବଶ୍ୟକତାକୁ ପୂରଣ କରିବା ପାଇଁ 'ଶ୍ରୀ ଅନ୍ନ ଅଭିଯାନ'କୁ ସମସ୍ତ ୩୦ ଟି ଜିଲ୍ଲାର ମୋଟ ୧୭୭ଟି ବ୍ଲକକୁ ସମ୍ପ୍ରସାରିତ କରାଯିବାର ଲକ୍ଷ୍ୟ ନେଇ ବଜେଟରେ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା କରାଯାଇଛି। କୃଷି ଯାନ୍ତ୍ରିକିକରଣ ଓ କୃଷି ଭିତ୍ତିକ ଉଦ୍ୟୋଗର ବିକାଶ ନିମନ୍ତେ ୪୨୫ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି। ସେହିପରି କୃଷି ଉଦ୍ୟୋଗର ପ୍ରୋତ୍ସାହନ ତଥା ବ୍ୟବସାୟ ସୁଗମ କରିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ନିମନ୍ତେ ୨୬୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ଶ୍ରୀ ମାଝୀ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଂସଦ କେନ୍ଦୁଝର ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ଼କ୍ଟର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲାପାଳ କେନ୍ଦୁଝର ବିଶାଳ ସିଂହ, ଅତିରିକ୍ତ ନିର୍ଦ୍ଦେଶକ କୃଷି ବିଭାଗ ଜାମି ସୂର୍ଯ୍ୟା ରାଓ, କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ କୃଷି ଯନ୍ତ୍ରପାତି ଓ ଅନ୍ୟ କୃଷି ଆନୁସଙ୍ଗିକ ଉପକରଣ ପ୍ରଦର୍ଶିତ ହେଉଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ । ଏହି ଅବସରରେ ୧୧ ଜଣ ଚାଷୀ ଭାଇ ଭଉଣୀ ହିତାଧିକାରୀ ମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି କଲ୍ୟାଣ ଯୋଜନାର ସୁବିଧା ହସ୍ତାନ୍ତର କରାଯାଇଥିଲା।

## ଆମେରିକାରେ ଇଂରାଜୀ ହେବ ସରକାରୀ ଭାଷା

**ଓ୍ୱାଶିଂଟନ, ୨।୩( ମହାଭାରତ):** ଇଂରାଜୀକୁ ଆମେରିକାର ସରକାରୀ ଭାଷା ଭାବରେ ଘୋଷଣା କରିଛନ୍ତି ଟ୍ରମ୍ପ ସରକାର। ଦେଶରେ ପ୍ରବାସୀ ଏବଂ ବହୁଭାଷୀ ସମାଜ ମଧ୍ୟରେ ଏକତା ଆଣିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି ।ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପଛରେ ମୁଖ୍ୟ କାରଣ ହେଉଛି ଏକ ସାଧାରଣ ଭାଷା ସମାଜକୁ ଶକ୍ତିଶାଳୀ ଏବଂ ଏକତା କରିଥାଏ।

ହାଇଟ ହାଉସ ଟ୍ରମ୍ପଙ୍କ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରି କହିଛି ଯେ ଇଂରାଜୀକୁ ଦେଶର ସରକାରୀ ଭାଷା ଭାବରେ ନାମିତ କରିବା ବହୁତ ପୂର୍ବରୁ ହେବା ଉଚିତ ଥିଲା। ଏହି ଆଦେଶରେ କୁହାଯାଇଛି ଯେ ଏକ ଜାତୀୟ ଭାଷା ଏକ ସମନ୍ୱିତ ସମାଜର ମୂଳଦୁଆ, ଏବଂ ଆମେରିକୀୟ ନାଗରିକମାନଙ୍କ ପାଇଁ ଏକ ସାଧାରଣ ଭାଷାରେ ଯୋଗାଯୋଗ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ଆଦେଶ ୧୯୯୦ ଦଶକରେ ତତ୍କାଳୀନ ରାଷ୍ଟ୍ରପତି ବିଲ କ୍ଲିଣ୍ଟନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଏକ ନୀତିକୁ ରଦ୍ଦ କରେ ଯାହା ଅଣ-ଇଂରାଜୀ ଭାଷାଭାଷୀମାନଙ୍କୁ ସହାୟତା ଯୋଗାଇବାକୁ ସଂଘୀୟ ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲା।

ନୂତନ ଆଦେଶ ଅନୁଯାୟୀ, ସଂଘୀୟ ଏଜେନ୍ସିଗୁଡ଼ିକୁ ଏବେ ଇଂରାଜୀ ବ୍ୟତୀତ ଅନ୍ୟ ଭାଷାରେ କେତେ ସହାୟତା ପ୍ରଦାନ କରିବେ ତାହା ନିଷ୍ପତ୍ତି ନେବାର ଅଧିକାର ଦିଆଯାଇଛି ଯଦିଓ ଏହି ଆଦେଶରେ କୌଣସି ପରିବର୍ତ୍ତନ ଆବଶ୍ୟକ ନାହିଁ, ସରକାରୀ ସେବାଗୁଡ଼ିକୁ ଦକ୍ଷତାର ସହିତ ପ୍ରଦାନ କରିବା ପାଇଁ କଣ ଆବଶ୍ୟକ ତାହା ନିଷ୍ପତ୍ତି ନେବାର ଅଧିକାର ଏଜେନ୍ସି ମୁଖ୍ୟମାନଙ୍କର ଅଛି।

ଟ୍ରମ୍ପଙ୍କ ଏହି ନିର୍ଦ୍ଦେଶ ଏପରି ଏକ ସମୟରେ ଆସିଛି ଯେତେବେଳେ ସେ ଦେଶ ଉପରେ ତାଙ୍କର ଦକ୍ଷିଣପନ୍ଥୀ ନୀତିକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ତଥାପି, ଏପରି ଅନେକ ଆଦେଶକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଉଛି, ବିଶେଷକରି ଯେତେବେଳେ ସେଗୁଡ଼ିକ ଫେଡେରାଲ ପାଣ୍ଠି ସହିତ ଜଡିତ ଯୁକ୍ତରାଷ୍ଟ୍ରରେ ୩୫୦ ରୁ ଅଧିକ ଭାଷା କୁହାଯାଏ, କିନ୍ତୁ ଏହି ଆଦେଶରେ ଏହା ମଧ୍ୟ କୁହାଯାଇଛି ଯେ ଆମର ଗଣରାଜ୍ୟ ପ୍ରତିଷ୍ଠା ହେବା ଦିନଠାରୁ ଇଂରାଜୀ ଦେଶର ପ୍ରାଥମିକ ଭାଷା ହୋଇଆସିଛି ଆମେରିକାର ଐତିହାସିକ ଶାସନ ଡକ୍ୟୁମେଣ୍ଟ, ଯେପରିକି ସାଧୀନତା ଘୋଷଣାନାମା ଏବଂ ସମ୍ବିଧାନ, ସବୁ ଇଂରାଜୀରେ ଲେଖାଯାଇଥିଲା।

## ୩୧ ମାର୍ଚ୍ଚ ସୁଭଦ୍ରା ଆବେଦନର ଶେଷ ତାରିଖ

**ଭୁବନେଶ୍ୱର, ୨।୩(ମହାଭାରତ):** ୩୧ ମାର୍ଚ୍ଚ ସୁଭଦ୍ରା ଆବେଦନର ଶେଷ ତାରିଖ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ।

ସେ କହିଛନ୍ତି ଯେ, ଆମର ସ୍ୱଭାଗ୍ୟ। ଆମେ କୋଟିଏ କହିଥିଲୁ। ଏବେ ଗାଁର ସୁଭଦ୍ରାମାନେ ଆମକୁ ପ୍ରସ୍ତୁତ କରିଦେଲେ। ଆମେ ପୂର୍ବରୁ ୯୮ ଲକ୍ଷ ଦେଇଥିଲୁ। ତେଣୁ ଆସନ୍ତା ୬ ତାରିଖରେ ଯାହା ବାକି ଅଛି, ସେ ଟଙ୍କା ଦେବୁ। ଏବେ ସୁଭଦ୍ରା ମ୍ୟାଜିକ ନମ୍ବର କୋଟିଏରୁ ଉର୍ଦ୍ଧ୍ୱ ଛୁଇଁଛି। ତେଣୁ ଜିଲାପାଳ, ସୁଭଦ୍ରା ଟିମ, ମହିଳା ଶିଶୁ ବିକାଶ, ସହିତ ଅଙ୍ଗନବାଡି କର୍ମୀ, ବ୍ୟାଙ୍କ ମିତ୍ର ସମସ୍ତଙ୍କୁ ଧନ୍ୟବାଦ। ୮ ମାସରେ ଗୋଟେ ଯୋଜନା ହୋଇ କୋଟିଏ ମହିଳାଙ୍କୁ ସୁଭଦ୍ରା ମିଳିବା ଗୋଟିଏ ଇତିହାସ। ଏ ଇତିହାସ କ୍ଷଣିରେ ଗାଁର ମିହିଳାମାନେ ସାକ୍ଷୀ ସମସ୍ତଙ୍କୁ ଯାଉଛି। କୋଟିଏ ମହିଳା ଏବେ ଗୋଟିଏ କଥା କହିବେ। ମହିଳା ଦିବସ ପୂର୍ବରୁ କୋଟିଏ ଛୁଇଁଛି। ମାର୍ଚ୍ଚ ୩୧ ହେଉଛି ଏଥର ପାଇଁ ସୁଭଦ୍ରା ଆବେଦନର ଶେଷ ତାରିଖ। ଯେଉଁମାନେ ମାର୍ଚ୍ଚ ୩୧ ଭିତରେ ଆବେଦନ କରିଥିବେ ରାକ୍ଷୀ ପୂର୍ଣ୍ଣିମାରେ ଏକକାଳୀନ ୩ଟି କିସ୍ତିରେ ଟଙ୍କା ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

## ସ୍କୁଟି ମୁହାଁମୁହିଁ, ୩ ମୃତ

ରାଇରଙ୍ଗପୁର, ୨।୩(**ମହାଭାରତ**): ମୟୂରଭଂଜ ଜିଲ୍ଲା ରାଇରଂଗପୁର ଉପଖଣ୍ଡ ମହାଦେବଶାଳ ନିକଟରେ ଆଜି ଏକ ଦୁର୍ଘଟଣା ଘଟିଛି। କରଞ୍ଜିଆ-ସିଙ୍ଗଡ଼ା ରାସ୍ତା ମହାଦେବଶାଳ ନିକଟରେ ଦୁର୍ଘଟଣା ଯୋଗୁଁ ୩ ଜଣଙ୍କର ମୃତ୍ୟୁ ଘଟିଛି। ଦୁଇ ଜଣ ମୃତ ବ୍ୟକ୍ତି ହେଲେ ବାଟରାମ ଗାଗରାଇ ଓ ରତନ କୁମାର ଚତାର। ଅନ୍ୟ ଜଣେ ମୃତକମାନଙ୍କର ପରିଚୟ ମିଳିପାରି ନାହିଁ ।

ସୂଚନା ଅନୁସାରେ ସିଙ୍ଗଡା କୁଦାସାହି ଗ୍ରାମର ବାଟରାମ ଗାଗରାଇ ନିଜର ଜଣେ ସାଙ୍ଗଙ୍କ ସହିତ କେଣସି କାମରେ ବାହାରିଥିଲେ ସେ କରଞ୍ଜିଆ-ସିଙ୍ଗଡ଼ା ରାସ୍ତାରେ ଯାଉଥିବା ବେଳେ ମହାଦେବଶାଳ ନିକଟରେ ବିପରୀତ ଦିଗରୁ ତାଙ୍କୁ ଏକ ସ୍କୁଟି ଧକ୍କା ଦେଇଥିଲା, ଯେଉଁଥିରେ ୨ ଜଣ ଲୋକ ଥିଲେ। ଏହି ଦୁର୍ଘଟଣା ଯୋଗୁଁ ବାଟରାମ ଗାଗରାଇ ଓ ରତନ କୁମାର ଚତାରଙ୍କ ସମେତ ଅନ୍ୟ ୨ ଜଣ ଗୁରୁତର ହୋଇଥିଲେ। ତେବେ ଘଟଣା ସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଡାକ୍ତରଖାନାରେ ପ୍ରାଣ ହରାଇଥିଲେ। ଦୁର୍ଘଟଣା ସଂପର୍କିତ ସୂଚନା ପାଇ ସ୍ଥାନୀୟ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାୟକ ଏବଂ ରରୁଆଁ ଥାନା ପୁଲିସ ତଦନ୍ତ କରୁଥିବା ଦେଖିବାକୁ ମିଳିଛି। ତେବେ ଦୁର୍ଘଟଣା ଦ୍ରୁତଗତିରେ ଗାଡି ଚଳନା ପାଇଁ ହୋଇ ଥିବା ପୁଲିସ ଅନୁମାନ କରୁଛି।

## ସାଂସଦ ପ୍ରଦୀପ ପୁରୋହିତଙ୍କ ବିସ୍ଫୋରକ ବୟାନ

**ଭୁବନେଶ୍ୱର, ୨।୩(ମହାଭାରତ):** ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ନେଇ ବିଜେପି ସାଂସଦ ପ୍ରଦୀପ ପୁରୋହିତ ଆଜି ବିସ୍ଫୋରକ ବୟାନ ଦେଇଛନ୍ତି, ଯାହାକୁ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ବିଜେପି ସରକାର ଚାହୁଁଛି ନବ ଦାସଙ୍କ ହତ୍ୟାକାଣ୍ଡର ପୁଙ୍ଖାନୁପୁଙ୍ଖ ତଦନ୍ତ ହେଉ। କିନ୍ତୁ ବିଜେଡି ଚାପରେ ଚେପା ହୋଇଯାଇଛନ୍ତି ତାଙ୍କ ପରିବାର ସଦସ୍ୟ। କାରଣ ସିବିଆଇ ତଦନ୍ତ ହେଲେ ବିଜେଡିର ଦୁଇ ବଡ଼ ମୁଣ୍ଡ ଫସିଯିବେ ବୋଲି ସାଂସଦ କହିଛନ୍ତି।

ଆଜି ଗଣମାଧ୍ୟମ ପ୍ରତିନିଧିଙ୍କୁ ସାଂସଦ ପୁରୋହିତ କହିଛନ୍ତି ଯେ, ବିଜେପି ସରକାର ଚାହୁଁଛି ନବ ଦାସଙ୍କ ହତ୍ୟାକାଣ୍ଡର ପୁଙ୍ଖାନୁପୁଙ୍ଖ ତଦନ୍ତ ହେଉ। ସେଥିପାଇଁ କ୍ରାଇମବ୍ରାଞ୍ଚ ଦୀପାଳି ଓ ବିଶାଳ ଙ୍କୁ ନୋଟିସ ଦେଇଛି। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ସିବିଆଇ ତଦନ୍ତ ପାଇଁ ପରିବାର ପକ୍ଷରୁ ଲିଖିତ ଭାବେ ଦିଆଯାଉ। ତାକୁ ରାଜ୍ୟ ସରକାର ଗ୍ରହଣ କରିବେ । ଦୀପାଳି ବି କହିଥିଲେ ପରିବାର ସହ ବିଚାର ବିମର୍ଷ ଚାଲିଛି ଖୁବଶୀଘ୍ର ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇବେ। କିନ୍ତୁ ତାଙ୍କ ଉପରେ ବିଜେଡି ଚାପ ସୃଷ୍ଟି କରୁଥିବାରୁ ସେ ଲିଖିତ ଭାବେ ରାଜ୍ୟ ସରକାରଙ୍କୁ ଜଣାଇ ପାରୁନାହାନ୍ତି । ନବଙ୍କ ପରିବାର ଉପରେ ଚାପ ସୃଷ୍ଟି କରୁଛି ବିଜେଡି । ସିବିଆଇ ତଦନ୍ତ ପାଇଁ ନବଙ୍କ ପରିବାର ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣେଇଲେ ବିଜେଡିର ଦୁଇଟି ବଡ଼ ମୁଣ୍ଡ ଏ ଭିତରେ ଫସିଯିବେ। ସେମାନେ ଜେଲକୁ ଯିବେ। ସେଥିପାଇଁ ଦୀପାଳିଙ୍କ ଉପରେ ବିଜେଡିର ଚାପ ବଢ଼ିଛି। ସିବିଆଇ ତଦନ୍ତ ପାଇଁ ଲିଖିତ ଭାବେ ରାଜ୍ୟ ସରକାରଙ୍କୁ ଦେବା ଲାଗି ମନା କରିଛି ବିଜେଡି। ଦୀପାଳି ଦାସ ବିଜେଡିର ଚାପ କାରଣରୁ ସିବିଆଇ ତଦନ୍ତ ପାଇଁ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇ ପାରୁ ନାହାନ୍ତି । ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ଦୁଇ ଜଣଙ୍କ ନାଁ ଚର୍ଚ୍ଚାରେ ଥିଲା । ଜଣେ ଆଇଏଏସ୍ ଅଧିକାରୀ ଥିଲେ ଯିଏ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଥିଲେ ଆଉ ଜଣେ ବିଜେଡିର ବଡ଼ ନେତା ଥିଲେ ଯିଏ ସାରା ରାଜ୍ୟକୁ ଚଳାଉଥିଲେ । ସେ ଦୁଇ ଜଣଙ୍କ ମଧ୍ୟରେ ବୁଝାମଣା ଥିଲା । ନବୀନ ପଟ୍ଟନାୟକଙ୍କ ଆବର୍ତମାନରେ ମୁଖ୍ୟମନ୍ତ୍ରୀ ହେବାକୁ ସେମାନଙ୍କ ଭିତରୁ ବୁଝାମଣା ଥିଲା । ଶନି ମନ୍ଦିରରୁ ଆସିବା ପରେ କାଳେ ନବ ଦାସ ମୁଖ୍ୟମନ୍ତ୍ରୀ ହୋଇଯିବେ ସେଥିପାଇଁ ସେମାନେ ନବ ଦାସଙ୍କୁ ରାସ୍ତାରୁ ହଟେଇ ଦେଲେ ।



ଗୋପାଳ ଦାସ ଜରିଆରେ ଯେଉଁମାନେ ମାରିଲେ ସେମାନଙ୍କ ବିଷୟରେ ରାଜ୍ୟବାସୀ ଜାଣିବାର ଅଧିକାର ଅଛି । ଯଦି ସିବିଆଇ ତଦନ୍ତ ହେବ ତାହେଲେ ଏହାର ପର୍ଦ୍ଦାଫାଶ ହେବ। ଯଦି ପ୍ରକୃତରେ ନବ ଦାସଙ୍କ ପରିବାର ହତ୍ୟାକାଣ୍ଡର ରହସ୍ୟ ବିଷୟରେ ଜାଣିବାକୁ ଚାହୁଁଛନ୍ତି ସେମାନେ ତୁରନ୍ତ ଲିଖିତ ଭାବେ ରାଜ୍ୟ ସରକାରଙ୍କୁ ଜଣାନ୍ତୁ। ଯେବେ ବି ଦୀପାଳି କିଛି ଷ୍ଟେଟମେଣ୍ଟ ଦେଉଛନ୍ତି ବିଜେଡି ନେତା ମାନେ ବସିକି ତାଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି । ସମ୍ପୂର୍ଣ୍ଣ ଭାବେ ଚାପଗ୍ରସ୍ତ ଥିବା କାରଣରୁ ନବଙ୍କ ପରିବାର କୌଣସି ପ୍ରକାର ନିଷ୍ପତ୍ତି ନେଇପାରୁ ନାହାନ୍ତି । ବିଜେଡି ନବଙ୍କ ପରିବାର ଉପରେ ହାବି ହୋଇକି ଅଛି । ନୂଆ ସରକାର ସେଥିପାଇଁ କ୍ରାଇମବ୍ରାଂଚ ଜରିଆରେ ନବ ପରିବାରଙ୍କୁ ତଦନ୍ତ ନେଇ ଆପତ୍ତି ଅଭିଯୋଗ କି ଅଧିକ ତଥ୍ୟ ଦେବାକୁ କହିଛନ୍ତି । ପୁର୍ବରୁ କ୍ରାଇମବ୍ରାଂଚ ତଦନ୍ତକୁ ଦିଶା ହୀନ କରି ଫାଇଲ କ୍ଲୋଜ କରିରଖିଛି । ନବଙ୍କ ପରିବାରର ଯଦି କିଛି ଆପତ୍ତି ଅଭିଯୋଗ କି ଅଧିକ ତଥ୍ୟ ନ ଦେବେ ନବଙ୍କ ଫାଇଲ କ୍ଲୋଜ ହୋଇଯାଇପାରେ । ତେଣୁ ନବଙ୍କ ପରିବାର ତୁରନ୍ତ ସିବିଆଇ ତଦନ୍ତ ପାଇଁ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାନ୍ତୁ ବୋଲି ପ୍ରଦୀପ ପୁରୋହିତ କହିଛନ୍ତି ।

# ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା।

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



# ନିଜ ବୁଦ୍ଧିରୁ ସେ ଘରେ ବସିଛନ୍ତି, ବିପାଶାଙ୍କୁ ନେଇ ଏଭଳି କହିଲେ ମିକା



ବଲିଉଡର ଲୋକପ୍ରିୟ ଗାୟକଙ୍କ ମଧ୍ୟରୁ ମିକା ସିଂ ଅନ୍ୟତମ ତାଙ୍କ ଗୀତ ସହିତ ତାଙ୍କର ବକ୍ତବ୍ୟ ଅନେକ ସମୟରେ ସେ ଚର୍ଚ୍ଚାରେ ଥାଆନ୍ତି ମିକା ଅନେକ ସମୟରେ ଅଭିନେତ୍ରୀ ବିପାଶା ବସୁଙ୍କ ବିଷୟରେ ବଡ଼ ଖୁଲାସା କରିଛନ୍ତି। ନିକଟରେ ସେ ପୁଣି ଥରେ ଅଭିନେତ୍ରୀଙ୍କୁ ଟାର୍ଗେଟ କରିଛନ୍ତିୟ ମିକା କହିଛନ୍ତି ଯେ ସେ ନିଜ କାରଣରୁ କୌଣସି କାମ ପାଉନାହାଁନ୍ତିୟ ବାସ୍ତବରେ, ମିକା ସିଂ ବିପାଶା ବସୁଙ୍କ ପ୍ରକୃତି ବିଷୟରେ ଅନେକ ଥର କହିସାରିଛନ୍ତି ଗାୟକ କହିଥିଲେ ଯେ ଯେତେବେଳେ ସେ ବିପାଶା ଏବଂ ତାଙ୍କ ସ୍ୱାମୀ କରଣ ସିଂ ଗ୍ରୋଭରଙ୍କ ସହ କାମ କରିଥିଲେ। ଏହି ଦମ୍ପତି ତାଙ୍କୁ ବହୁତ ହଇରାଣ କରିଥିଲେୟ ମିକା ସିଂ କହିଛନ୍ତି ଯେ ଗତ କିଛି ବର୍ଷ ହେବ ସେମାନେ ବିନା କାମରେ ଘରେ ବସିରହିଛନ୍ତି ।ସେମାନଙ୍କୁ କୌଣସି କାମ ମିଳୁନାହିଁ ଏହା କେବଳ ସେମାନଙ୍କର ଭୁଲ ଯୋଗୁଁ ଏହା ଘଟୁଛି କାରଣ ଯେତେବେଳେ ମୁଁ ତାଙ୍କ ସହିତ କାମ କଲି ସେମାନେ ବହୁତ ନାଟକ କରିଥିଲେ ତାଙ୍କ ହେତୁ ମୋ ଫିଲ୍ମର ବଜେଟ୍ ୪ କୋଟିରୁ ୧୫ କୋଟି ଟଙ୍କାକୁ ଯାଇଥିଲାୟ ତଥାପି ବି ସେମାନେ ହଇରାଣ କରିବା ଛାଡି ନଥିଲେ । କୌଣସି ପ୍ରକାରେ ମୁଁ ତାଙ୍କ ସହିତ ସେହି ଫିଲ୍ମ ତିଆରି କଲି

ତା'ପରେ କୋଭିଡ କାରଣରୁ, ସେ ଠିକ୍ ଭାବରେ ଚାଲିପାରିଲା ନାହିଁ, ମିକା କହିଛନ୍ତି ସୁଟିଂ ବ୍ୟତୀତ, ଯେତେବେଳେ ଡବିଂ କରିବାର ସମୟ ଆସିଲା ସେତେବେଳେ ମଧ କରଣ ଏବଂ ବିପାଶା ଅନେକ ଥର ଅସୁସ୍ଥତାର ବାହାନା କରିଥିଲେୟ ଏହି ଜିନିଷ ଏବଂ ସେମାନଙ୍କର ଭୁଲ ହେତୁ, ଆଜି ସେହି ଦମ୍ପତି କୌଣସି କାମ ନ ପାଇ ଘରେ ବସିଛନ୍ତି ଯେତେବେଳେ କେହି ଆପଣଙ୍କୁ କାମ ଦିଅନ୍ତି ଏହାକୁ ବୁଝିବା ଉଚ୍ି ସେହି କାର୍ଯ୍ୟକୁ ସମ୍ମାନ ଦେବା କଥା ଉଲ୍ଲେଖ ଥାଉ କି ବହୁ ସୁପରହିଟ୍ ବଲିଉଡ ଚଳଚ୍ଚିତ୍ରରେ କାମ କରିଥିବା ବିପାଶା ବସୁଙ୍କୁ ଶେଷ ଥର ପାଇଁ ୨୦୧୯ ୱେବ୍ ସିରିଜ୍ 'ଡେଂଜର୍ସ'ରେ ଦେଖିବାକୁ ମିଳିଥିଲା। ଏହା ପରେ ଅଭିନେତ୍ରୀ କୌଣସି ଚଳଚ୍ଚିତ୍ର ବା ଧାରାବାହିକରେ କାମ କରିନାହାନ୍ତି।

# ଅନେକ ରୋଗକୁ ଦୂରରେ ରଖିଥାଏ ଗଜାମୁଗ



ମୁଗ ଡାଲି ଖାଇବା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ସମସ୍ତେ କହିଥାନ୍ତି। ଏଥିରେ କମ କ୍ୟାଲୋରୀ ଥିବା ସହ ଭିଟାମିନ ଏ, ବି, ସି, ଏବଂ ଇ ଅଧିକ ପରିମାଣରେ ରହିଥାଏ । ଏହା ସହ ମ୍ୟାଗ୍ନେସିୟମ,କପର, ଫାଇବର, ପୋଟାସିୟମ, ଆଇରନ ଭଳି ଅନେକ ପୋଷକ ତତ୍ତ୍ୱ ମୁଗରେ ରହିଥାଏ । ତେବେ ମୁଗ ସହ ଗଜାମୁଗ ମଧ୍ୟ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଆସନ୍ତୁ ଜାଣିବା ସକାଳ ସମୟରେ ଗଜାମୁଗ ଖାଇବା ଦ୍ୱାରା କ'ଣ ସବୁ ଫାଇଦା ମିଳିଥାଏ।

୧- ସକାଳ ସମୟରେ ଗଜାମୁଗ ଖାଇବା ଦ୍ୱାରା ଏହା ଶରୀରରେ କର୍କଟ ରୋଗ ସୃଷ୍ଟିକାରୀ କୋଷିକାଗୁଡିକୁ ବଢିବାରୁ ରୋକିଥାଏ । ଯାହା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା କମ ହୋଇଥାଏ ।

୨- ଯେଉଁ ଲୋକମାନଙ୍କର ଉଚ୍ଚ ରକ୍ତଚାପର ସମସ୍ୟା ରହିଛି ସେମାନଙ୍କ ପାଇଁ ସକାଳ ସମୟରେ ଗଜାମୁଗ ଖାଇବା ଅତ୍ୟନ୍ତ ଲାଭଦାୟକ । ଏଥିରେ ସୋଡିୟମ ନଥିବାରୁ ଏହାକୁ ଖାଇଲେ କୋଲେଷ୍ଟ୍ରଲର ସ୍ତର ଏବଂ ରକ୍ତଚାପ ନିୟନ୍ତ୍ରଣ ହୋଇ ରହିଥାଏ ।

୩- ସକାଳୁ ଉଠିବା ପରେ ଗଜାମୁଗ ଖାଇବା ଦ୍ୱାରା ପାଚନ କ୍ରିୟା ସୁସ୍ଥ ରହିଥାଏ । ଯେଉଁ ଲୋକମାନଙ୍କରେ ଖାଦ୍ୟ ହଜମ ହେବାରେ ଅସୁବିଧା ହେଉଛି । ସେମାନଙ୍କୁ ସକାଳୁ ଗଜାମୁଗ ଖାଇବା ଆରମ୍ଭ କରିବା ଦରକାର ।

୪- ଲିଭର ସମସ୍ୟାକୁ ଦୂର କରିବା ବା ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ଗଜାମୁଗ ଖୁବ୍ ଭଲ ।

# ସ୍ୱାସ୍ଥ୍ୟ ପାଇଁ ହିତକର ସପେଟା

ସପେଟା, ଏକ ସ୍ୱାଦିଷ୍ଟ ଏବଂ ଭିଟାମିନ୍‌ରେ ଭରପୁର ଫଳ । ଏକ୍ସପର୍ଟଙ୍କ ଅନୁସାରେ, ପ୍ରତ୍ୟେକ ଦିନ ଗୋଟିଏ ସପେଟା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବା ସହିତ ସୌନ୍ଦର୍ଯ୍ୟ ମଧ ବୃଦ୍ଧି ପାଇଥାଏ । ଏଥିରେ ଆଣ୍ଟି ଅକ୍ସିଡେଣ୍ଟ, ଆଣ୍ଟି ଭାଇରଲ, ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥିବାରୁ ଏହାକୁ ଖାଇବା ଦ୍ୱାରା ମାଂସପେଶୀ ଏବଂ ହାଡ ମଜବୁତ ହେବା ସହିତ କ୍ୟାନ୍ସର ଭଳି ଗମ୍ଭୀର ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା କମ୍ ରହିଥାଏ । ଚାଲନ୍ତୁ ଜାଣିବା ଏହି ଫଳର ବିଶେଷ ଉପକାରିତା ବିଷୟରେ

କ୍ୟାନ୍ସର ରୋଗରୁ ବଞ୍ଚାଇଥାଏ : ଏଥିରେ ଭିଟାମିନ- ଏ ଏବଂ ବି, ଆଇରନ୍, କ୍ୟାଲସିୟମ୍, ଫାଇବର, ଆଣ୍ଟି ଅକ୍ସିଡେଣ୍ଟ, ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥାଏ । ଏହାକୁ ଖାଇବା ଦ୍ୱାରା ଶରୀରରେ କ୍ୟାନ୍ସର କୋଷକୁ ବୃଦ୍ଧି କରିବାରେ ରୋକିଥାଏ । ଫୁସଫୁସ ଏବଂ ମୁଁଖ କ୍ୟାନ୍ସର ହେବାରୁ ବଞ୍ଚାଇଥାଏ ।

କିଡ୍‌ନୀ ଷ୍ଟୋନ୍ ରୁ ମୁକ୍ତି ଦେଇଥାଏ : କିଡ୍‌ନୀ ଷ୍ଟୋନ୍ ପାଇଁ ଚିନ୍ତିତ ଥିବା ଲୋକଙ୍କୁ ସପେଟା ର ମଞ୍ଜିକୁ ଗୁଣ୍ଡ କରି ଖାଇବା ଉଚିତ । ଏହାକୁ ଖାଇବା ଦ୍ୱାରା ପଥର, ପରିଶ୍ରା ରେ ବାହାରି ଯାଇଥାଏ । ଏଥି ସହିତ କିଡ୍‌ନୀ ଜନିତ ଅନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ ।



ଆଖି ପାଇଁ ଲାଭ ଦାୟକ: ସପେଟାରେ ଭିଟାମିନ-ଏ ରହିଥିବା କାରଣରୁ ଆଖିର ଉଜ୍ଜ୍ୱଳ ବଢିବା ସହିତ ଆଖିଜନିତ ସମସ୍ୟାରୁ ବଞ୍ଚାଇଥାଏ । ସେଥିଲାଗି ସମସ୍ତଙ୍କୁ ନିଜର ଡାଏଟ୍ ରେ ଏହାକୁ ଖାଇବା ଉଚିତ ।

ହାଡ ମଜବୁତ କରିଥାଏ : କ୍ୟାଲସିୟମ୍ ରେ ଭରପୁର ସପେଟା କୁ ଖାଇବା ଦ୍ୱାରା ମାଂସପେଶୀ ଏବଂ ହାଡ ମଜବୁତ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ଗଣ୍ଠି ଜନିତ କଷ୍ଟରୁ ମଧ ଉପଶମ ମିଳିଥାଏ ।

ଚିନ୍ତା ଦୂର କରିଥାଏ : ନିଜର ବ୍ୟସ୍ତବହୁଳ ଜୀବନ କାରଣରୁ ବ୍ୟକ୍ତି ସବୁବେଳେ ଚିନ୍ତାରେ ରହିଥାଏ । ଏଥିପାଇଁ ଆଣ୍ଟି-ଅକ୍ସିଡେଣ୍ଟ ଗୁଣରେ ଭରପୁର ସପେଟା ଖାଇବା ଦ୍ୱାରା ମସ୍ତିଷ୍କ ଶାନ୍ତ ରହିବା ସହିତ ଭଲ ନିଦ ହେବାରେ ସାହାଯ୍ୟ କରିଥାଏ ।

# ମହାଭାରତରେ କୁନ୍ତି, ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କୁ ମିଳିଥିଲା ଏହିଭଳି ଭୟନକ ମରଣ



ମହାଭାରତ ଯୁଦ୍ଧ ସମାପ୍ତି ପରେ ହସ୍ତିନାପୁରର ରାଜା ହେଲେ ଯୁଧିଷ୍ଠିରୟ ଏହାପରେ କୌରବଙ୍କ ପିତା ଧୃତରାଷ୍ଟ୍ର ଓ ତାଙ୍କ ପତ୍ନୀ ଗାନ୍ଧାରୀ ଏବଂ ପାଣ୍ଡବଙ୍କ ମାଆ କୁନ୍ତିଙ୍କ ସହ ଜଙ୍ଗଲକୁ ଚାଲିଯିବାକୁ ବାହାରିଥିଲେ। ଯୁଧଷ୍ଠିରଙ୍କ ଅନୁମତି ପାଇଁ ତିନିଜଣ ତାଙ୍କ ପାଖକୁ ଯାଇଥିଲେ । ହେଲେ ଯୁଧିଷ୍ଠିର ଓ ତାଙ୍କ ଭାଇମାନେ ଜଙ୍ଗଲ ନଯିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କୌରବଙ୍କ ପତି ଧୃତରାଷ୍ଟ୍ରଙ୍କ ପ୍ରତି ଭୀମ ନିଜର ରାଗକୁ ଅଧିକ ସମୟ ପର୍ଯ୍ୟନ୍ତ ନିୟନ୍ତ୍ରଣ କରିପାରିନଥିଲେ। ଭୀମଙ୍କ ମୁହଁରୁ ଏମିତି ଏକ କଥା ବାହାରିଗଲା, ଯାହା ଧୃତରାଷ୍ଟ୍ରଙ୍କୁ ବହୁତ କଷ୍ଟ ଦେଲା । ତେଣୁ ସେ ରାଜମହଲରେ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେୟ ଧୃତରାଷ୍ଟ୍ର ତାଙ୍କ ପତ୍ନୀଙ୍କୁ ସାଙ୍ଗରେ ନେଇ ଜଲଙ୍ଗ ଯାତ୍ରା ବାହାରିଲେ। ଏହି ସମୟ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ସହ ଯିବା ପାଁଇ ପାଣ୍ଡବଙ୍କ ମାଆ କୁନ୍ତି ମଧ ଜିଦ୍ କରିଥିଲେ। ଜଙ୍ଗଲକୁ ନଯିବା ପାଇଁ ଯୁଧିଷ୍ଠିର ସେମାନଙ୍କୁ ଯେତେ ବୁଝାଇଲେ ବି ସେମାନେ ମାନି ନଥିଲେ। ସେହି ସମୟରେ ବେଦବ୍ୟାସ ରାଜମହଲରେ ପଦାର୍ପଣ କରିଥିଲେ। ସେମାନଙ୍କ ଜଙ୍ଗଲ ଯାତ୍ରା ପାଇଁ ଯୁଧିଷ୍ଠିରଙ୍କୁ ବୁଝାଇ ଦେଇଥିଲେ ବ୍ୟାସଦେବ। ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ। ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ। ରାଜମହଲରେ ବିଳାସପୂର୍ଣ୍ଣ ଭାବେ ରହୁଥିବା ଏହି ତିନିଜଣଙ୍କ ଶରୀର ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲାୟଦିନେ ଜଙ୍ଗଲରେ ଅଚାନକ ନିଆଁ ଲାଗି ଗଲାୟ ନିଜ ଜୀବନ ବଞ୍ଚାଇବା ପାଇଁ ସମସ୍ତେ ଦୌଡା ଦୌଡି କଲେ। ନିଜ ଜୀବନ ବ□ାଇବା ପାଇଁ କୁନ୍ତି, ଗାନ୍ଧାରୀ ଓ ଧୃତରାଷ୍ଟ୍ର ମଧ ଦୌଡବା ଆରମ୍ଭ କରିଥିଲେ। ହେଲେ ଦୁର୍ବଳ ଶରୀର ପାଇଁ ଅଧିକ ବାଟ ଯାଇପାରିଲେ ନାହିଁ। ଦ୍ରୁତଗତିରେ ନିଆଁ ଜଙ୍ଗଲର ଚାରିଆଡେ ଖେଳିଗଲା ।ଆଉ କିଛି ଉପାୟ ନପାଇ ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତି ଧ୍ୟାନରେ ବସିଗଲେ। ଏହି ନିଆଁରେ ତିନିଜଣ ଜଳିପୋଡି ପାଉଁଶ ହୋଇଗଲେ।

# ସ୍ୱାସ୍ଥ୍ୟ ପାଇଁ ରାମବାଣ କଦଳୀ ପତ୍ର ; ତ୍ୱଚା ଠାରୁ ପାଚନ



କଦଳୀ ପତ୍ରରେ ଭୋଜନ ସେବନ କରିବା ଅନେକ ସମୟରେ ଦେଖିଥିବେ। ଭାରତରେ କଦଳୀ ପତ୍ରର ଶୁଭ କାର୍ଯ୍ୟରେ ବିଶେଷ ଭାବେ ପ୍ରୟୋଗ କରାଯାଏ। ଏହାର ବ୍ୟବହାର ବିଭିଓ ସମାରୋହରେ ଭୋଜନ ପରସିବା କିମ୍ବା ଅନୁଷ୍ଠାନରେ ଥାଳି ଭାବେ ବ୍ୟବହାର କରାଯାଏ। ଏହି ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିଥାଏ।

କଦଳୀ ପତ୍ରରେ ଆଣ୍ଟି-ବ୍ୟାକ୍ଟେରିୟଲ ଗୁଣ ରହିଛି। ଏହା ପରିବେଶ ପାଇଁ ମଧ ଉପଯୋଗୀ। ଏହାର ଅନେକ ଲାଭ ରହିଛି।

କଦଳୀ ପତ୍ରରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି। ଏଥିରେ ଭିଟାମିନ୍ ସି ମଧ ରହିଛି। ଯାହା ଏକ ଶକ୍ତିଶାଳୀ ଆଣ୍ଟି- ଅକ୍ସିଡାଣ୍ଟ। ଏହା ଆମ ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୂତ କରିଥାଏ। କଦଳୀ ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ଏଥିରେ ଥିବା ପ୍ରାକୃତିକ ଏନଜାଇମ୍ ଭୋଜନକୁ ହଜମ କରିବାରେ ସହାୟକ ହୋଇଥାଏ। ଏଥିରେ ଥିବା ଫାଇବର ପାଚନ ତନ୍ତ୍ରକୁ ମଜଭୂତ କରିବାରେ ସହାୟକ ହୋଇଥାଏ। କଦଳୀ ପତ୍ରରେ ଆଣ୍ଟି- ବ୍ୟାକ୍ଟେରିୟଲ ଗୁଣ ରହିଛି। ଯାହା ତ୍ୱଚାର ଅନେକ ସମସ୍ୟାକୁ ଦୂର କରିଥାଏ ।କଦଳୀ ପତ୍ରରେ ଭିଟାମିନ୍ ଏ ରହିଛି। ଯାହା ଚକ୍ଷୁ ପାଇଁ ଖୁବ୍ ଉପକାରୀ। ପୂର୍ବ ସମୟରେ ଆୟୁର୍ବେଦ ଔଷଧ ତିଆରି କରିବା ପାଇଁ କଦଳୀ ପତ୍ରର ବ୍ୟବହାର କରାଯାଉଥିଲା। ଭାରତୀୟ ସଂସ୍କୃତିରେ କଦଳୀ ପତ୍ରକୁ ବିଭିନ୍ନ ସ୍ଥାନରେ ବ୍ୟବହାର କରାଯାଏ। ପୂଜା ପର୍ବ ଠାରୁ ଆରମ୍ଭ କରି ଘର ସାଜସଜ୍ଜା ପର୍ଯ୍ୟନ୍ତ କଦଳୀ ପତ୍ର ବ୍ୟବହାର କରାଯାଏ।

# ଖୋର୍ଦ୍ଧା, ପିପିଲି, ଜଟଣୀକୁ ମିଶାଇ ହେବ ନୂଆ ଭୁବନେଶ୍ୱର



**ଭୁବନେଶ୍ୱର,୨।୩ (ମହାଭାରତ):** ରାଜଧାନୀର କଳେବର ବଢ଼ିବ। ଦକ୍ଷିଣରେ ଜଟଣୀ, ପଶ୍ଚିମରେ ଖୋର୍ଦ୍ଧା, ପୂର୍ବରେ ପିପିଲି ପର୍ଯ୍ୟନ୍ତ ଅଞ୍ଚଳକୁ ନେଇ ବୃହତ ରାଜଧାନୀର ଭିତ୍ତିଭୂମି ପଡ଼ିବ। କେଉଁ ଅଞ୍ଚଳରେ ସରକାରୀ କାର୍ଯ୍ୟାଳୟ, ରାସ୍ତା, ପାର୍କ, ଗୃହ ପ୍ରକଳ୍ପ ଆଦି ନିର୍ମାଣ ହେବ ସେନେଇ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଉଛି। ଏନେଇ ବିଡିଏ ଦୀର୍ଘ ୫ବର୍ଷ ହେଲା ସିଡିପି ପ୍ରସ୍ତୁତ କରୁଥିବାବେଳେ ଚଳିତ ମାର୍ଚ୍ଚ ମାସରେ ଚିଠା ସିଡିପି ପ୍ରକାଶ ପାଇବ। ଏହାପରେ ଲୋକଙ୍କ ମତାମତ ନେଇ ଏଥିରେ ଆବଶ୍ୟକ ସଂଶୋଧନ କରାଯିବ। ଏହାପରେ ଏହାକୁ କାର୍ଯ୍ୟକାରୀ କରାଯିବ। ରାଜ୍ୟ ସରକାର ଭୁବନେଶ୍ୱରକୁ ହାଇଦ୍ରାବାଦ ଭଳି ବିକଶିତ କରିବାକୁ ଯୋଜନା କରିଛନ୍ତି। ରିଂ ରୋଡ୍‌ରେ ଭୁବନେଶ୍ୱର ବାନ୍ଧି ହେବ। ସହର ଭିତରେ ଫ୍ଲାଏଓଭର, ଓସାରିଆ ରାସ୍ତା, ନୂଆ ଅଞ୍ଚଳଗୁଡ଼ିକୁ ଯୋଜନାବଦ୍ଧ ଭାବେ ବିକଶିତ କରାଯିବ। ଜନସଂଖ୍ୟା ବଢ଼ିଲେ ବି ଭିଡ଼ ମୁକ୍ତ ରାଜଧାନୀ ହେବ। ଏଥିପାଇଁ ରାଜ୍ୟ ସରକାର ୧୩ହଜାର କୋଟି ଟଙ୍କା ନିବେଶ କରିବେ। ଏହାକୁ ନଜରରେ ରଖିଲେ ଏହି ସିଡିପି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ।

ରାଜ୍ୟ ସରକାର ଚଳିତ ବଜେଟରେ ଭୁବନେଶ୍ୱର ପାଇଁ ବିସ୍ତୃତ ଯୋଜନା କରିଛନ୍ତି। ୨୦୩୬ ସୁଦ୍ଧା ଭୁବନେଶ୍ୱରକୁ ଏକ ସମୃଦ୍ଧ ସହର ଭାବେ ନିର୍ମାଣ କରିବେ। ଭୁବନେଶ୍ୱରକୁ ପୂର୍ବ ଭାରତର ଏକ ବ୍ୟବସାୟ ହବରେ ପରିଣତ କରାଯିବ। ଯେପରି ଅଧିକରୁ ଅଧିକ ପୁଞ୍ଜିନିବେଶ ହେବ ସେହିଭଳି ଭିତ୍ତିଭୂମି ସରକାର ବିକାଶ କରିବେ। ଏଥିପାଇଁ ଜାଗା ଚିହ୍ନଟ ସରିଛି। ପ୍ରଥମ ପର୍ଯ୍ୟାୟରେ ୩୨୨ ହେକ୍ଟର ଜମିକୁ ବିକଶିତ କରିବା ସହ ଶିଳ୍ପ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଗବେଷଣା ଓ ବିକାଶକୁ ଗୁରୁତ୍ୱ ଦେଇ ଏହାକୁ କ୍ରମେ ୩୬୦୦ହେକ୍ଟରକୁ ବୃଦ୍ଧି କରାଯିବ। ଏହି ଅଭିଯାନରେ ସ୍ୱତନ୍ତ୍ର ଭାବେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ।

ସେହିପରି ଭିଡ଼ ମୁକ୍ତ ରାଜଧାନୀ ପାଇଁ ଭୁବନେଶ୍ୱର ସହର ବାହାରେ ଏବଂ ଭିତରେ ଦୁଇଟି ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ବାହାର ରିଙ୍ଗ୍ ରୋଡ୍ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏହି ଦୁଇ ରିଙ୍ଗ୍ ରୋଡ୍ ମଝିରେ ସମୃଦ୍ଧ ଭୁବନେଶ୍ୱରର ପରିକଳ୍ପନା କରାଯାଇଛି। ଏହାଦ୍ୱାରା ଭୁବନେଶ୍ୱର ଭିଡ଼ କମିବ ଏବଂ ଯାତାୟାତ ସୁବିଧା ହେବ। ସେହିପରି ବର୍ତ୍ତମାନର ସହର ଭିତରେ ଯେଉଁ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି ତାହାର ସ୍ଥାୟୀ ସମାଧାନ ପାଇଁ ବିଭିନ୍ନ ପ୍ରକଳ୍ପ କରାଯିବ। ଭୁବନେଶ୍ୱର ସହରର କ୍ରମବର୍ଦ୍ଧିଷ୍ଣୁ ଅଞ୍ଚଳର ବିକାଶକୁ ନଜରରେ ରଖି ଜଟଣୀ ପୌରପାଳିକା, ଖୋର୍ଦ୍ଧା ପୌରପାଳିକା, ପିପିଲି ବିଜ୍ଞପିତ ଅଞ୍ଚଳ ପରିଷଦର ୩୫୧ଟି ଗ୍ରାମକୁ ବିଡିଏ ପ୍ଲାନ ଅଞ୍ଚଳରେ ମିଶ୍ରଣ କରିବାକୁ ୨୦୧୧ରେ ବିଡିଏ କର୍ତ୍ତୃପକ୍ଷ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ଅଞ୍ଚଳଗୁଡ଼ିକୁ ନେଇ ଏକ ବୃହତ୍ ସହର ଯୋଜନା କାର୍ଯ୍ୟକାରୀ କରିବାକୁ ୨୦୨୩ ଫେବୃଆରି ୧୦ରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ୧୪୫ତମ ଅଥରିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ବିଡିଏ ସହ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲୋକାଲ୍ ସେଲ୍ଫ ଗଭର୍ଣ୍ଣମେଣ୍ଟ ନାମକ ସଂସ୍ଥା ସହ ୨୦୨୨ ଏପ୍ରିଲ ୧ରେ ରାଜିନାମା ହୋଇଥିଲା। ଏହାପରେ ପ୍ରସ୍ତାବିତ ବିସ୍ତାରିତ ସିଡିପି ଅଞ୍ଚଳ ପାଇଁ ଉକ୍ତ ସଂସ୍ଥା ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିଥିଲେ।

# ଟ୍ରେନ ଆଗକୁ ଡେଇଁଲେ ଯୁବକ

**ଭୁବନେଶ୍ୱର,୨।୩ (ମହାଭାରତ):** ସୁଇସାଇଡ ନୋଟ ଲେଖି ଟ୍ରେନ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ବାରଙ୍ଗ ଥାନା ଅନ୍ତର୍ଗତ ସାରଙ୍ଗେଇ ମନ୍ଦିର ନିକଟ ରେଳ ଟ୍ରାକରୁ ରେଲୱେ ପୁଲିସ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ କରିଛି। ମୃତକଙ୍କ ନାମ ଆଶିଷ ଜେନା ବୋଲି ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରୁ ଆଶିଷଙ୍କ ସ୍କୁଟି ଏବଂ ମୋବାଇଲ ଫୋନ ସହିତ ଏକ ଡାଏରୀ ଜବତ କରିଛି, ଯେଉଁଥିରେ ସେ ଆତ୍ମହତ୍ୟାର କାରଣ ଲେଖିଛନ୍ତି।

ଗତକାଲି ରାତିରେ ଯୁବକ ଜଣକ ଏକ ସ୍କୁଟି ଯୋଗେ ଆସି ଟ୍ରେନ ଲାଇନ କଡ଼ରେ ଗାଡ଼ି ଥୋଇ ଏକ ଡ଼ାଏରୀରେ ସୁଇସାଇଡ ନୋଟ ଲେଖି ସ୍କୁଟି ଡିକିରେ ରଖିଥିଲେ। ପରେ ସ୍କୁଟି ଚାବିଟିକୁ ସ୍କୁଟି ଉପରେ ରଖିଦେଇ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେଠାରେ ଏକ ପାସେଞ୍ଜର ଟ୍ରେନ ଅଟକି ରହିଥିଲା। ଯୁବକଙ୍କ ନାମ ଆଶିଷ କୁମାର ଜେନା ବୋଲି ତାଙ୍କ ଗାଡ଼ିରୁ ମିଳିଥିବା ଡାଏରୀରୁ ଜଣା ପଡ଼ିଥିଲା। ହେଲେ ସେ କେଉଁ ଅଞ୍ଚଳର ବୋଲି ତାହା ଜଣା ପଡ଼ିନାହିଁ। ନିଜ ମୃତ୍ୟୁ ପାଇଁ ଆଶିଷ ଦୁଇ ଜଣ ଯୁବକଙ୍କୁ ଦାୟୀ କରିଛନ୍ତି। ଯୁବକଦ୍ୱୟଙ୍କ ନାମ ବ୍ରହ୍ମାନନ୍ଦ ମଙ୍ଗରାଜ ଓ ଦେବୁଦତ୍ତ ସ୍ୱାଇଁ ବୋଲି ଆଶିଷ ଲେଖିଛନ୍ତି। ଉଭୟ ବ୍ରହ୍ମାନନ୍ଦ ଏବଂ ଦେବୁଦତ୍ତ ତାଙ୍କୁ ବାରମ୍ବାର ଧମକ ଏବଂ ନିର୍ଯାତନା ଦେଉଥିବା କାରଣରୁ ସେ ଆତ୍ମହତ୍ୟା କରିଥିବା ଆଶିଷ ଉଲ୍ଲେଖ କରିଛନ୍ତି। ଖବର ପାଇ ବାରଙ୍ଗ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତାଙ୍କର ମୋବାଇଲ ଫୋନ, ସ୍କୁଟି ଏବଂ ଉକ୍ତ ଡାଏରୀକୁ ମଧ୍ୟ ଜବତ କରି ତଦନ୍ତ ଜାରି ରଖିଛି।

# ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଅ

**ଭୁବନେଶ୍ୱର,୨।୩ (ମହାଭାରତ):** ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ କରିଛନ୍ତି। ତାଙ୍କ ଗସ୍ତ ସମୟରେ ସର୍କିଟ ହାଉସରେ ଦଳୀୟ କର୍ମୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିବାବେଳେ ଲୋକଙ୍କ ଅଭିଯୋଗ ଗ୍ରହଣ କରିଛନ୍ତି। ପରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ବିଭାଗୀୟ ସମୀକ୍ଷା କରିଛନ୍ତି। ରାଜସ୍ୱ ବିଭାଗର କାର୍ଯ୍ୟକାରିତା ଓ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେବାକୁ ଅଧିକାରୀ ମାନଙ୍କୁ କହିଥିଲେ। ସାଧାରଣ ଲୋକ କିଭଳି ହଇରାଣ ହରକତ ନ ହେବେ ସେ ନେଇ ଅଧିକାରୀମାନେ ଦୃଷ୍ଟି ଦେବା ସହ ଅଭିଯୋଗକୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ଅଧିକାରୀ କିମ୍ବା କର୍ମଚାରୀ ଲୋକଙ୍କୁ ହଇରାଣ କରୁଛନ୍ତି ତା'ହେଲେ ତାଙ୍କ ବିରୋଧରେ ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ବିଶେଷ କରି ହାଇଟେକ୍ ସର୍ଭେର ସ୍ଥିତି ବିଷୟରେ ଆଲୋଚନା କରିଛନ୍ତି ଏବଂ ଶିକ୍ଷାନୁଷ୍ଠାନ ସବୁକୁ ସରକାରୀ ଜମି ଯୋଗାଇ ଦିଆଯିବାକୁ ଗୁରୁତର ସହ ନେବାକୁ ଅଧିକାରୀମାନଙ୍କୁ କହିଛନ୍ତି। ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଦୁଇ ମାସ ସମୟ ଦେଇଥିବା ବେଳେ ଦୁଇ ମାସ ପରେ ପୁଣି ସମୀକ୍ଷା କରିବାକୁ ଆସିବି ବୋଲି କହିଛନ୍ତି। ଏହି ସମୀକ୍ଷା ବୈଠକରେ ବଲାଙ୍ଗିର ଲୋକସଭା ସାଂସଦ, ବୀରମହାରାଜପୁର ବିଧାୟକ ପ୍ରମୁଖଙ୍କ ସହ ରାଜସ୍ୱ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

# ଓଡ଼ିଶା ଭିତରେ ଖୁଣ୍ଟ ପୋତିଲା ପଶ୍ଚିମବଙ୍ଗ

**ଭୁବନେଶ୍ୱର,୨।୩ (ମହାଭାରତ):** ଓଡ଼ିଶା ସୀମାନ୍ତ ଭୋଗରାଇ ବ୍ଲକର ସାହାବାଜିପୁର ଉପରୁ ପଶ୍ଚିମବଙ୍ଗ ସରକାରଙ୍କ ଲୋଲୁପ ଦୃଷ୍ଟି ହଟିନାହିଁ। ଓଡ଼ିଶାର ମୂଲ୍ୟବାନ ଜମିକୁ ଦଖଲ କରିବା ପାଇଁ ବାରମ୍ବାର ଉଦ୍ୟମ ଜାରି ରଖିଛି। ବଙ୍ଗ ପ୍ରଶାସନ ସୀମା ସଂଲଗ୍ନ ଗାଁ ଭିତରକୁ ପଶି ଓଡ଼ିଶା ଜମିରେ ବେଆଇନ ନିର୍ମାଣ କାର୍ଯ୍ୟ କରୁଥିବାରୁ ସେଠାରେ ପୂର୍ବରୁ ବହୁବାର ବିବାଦୀୟ ପରିସ୍ଥିତି ଉପୁଜିଛି। ସମସ୍ୟା ଜଟିଳ ହେଉଥଲଲେ ମଧ୍ୟ ଓଡିଶା ପ୍ରଶାସନ କିମ୍ବା ଜନ ପ୍ରତିନିଧିମାନେ ଏଥିପ୍ରତି ଗୁରୁତ୍ୱ ନ ଦେବା ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି କିଛିଦିନ ବ୍ୟବଧାନ ପରେ ଆଜି ପୁଣି ସୀମାରେ ବଙ୍ଗ ସରକାର ଦାଦାଗିରି ଦେଖାଇଛି।

ପଶ୍ଚିମବଙ୍ଗ ରାଜସ୍ୱ ବିଭାଗ ଓ ଦୀଘା-ଶଙ୍କରପୁର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ଶୁକ୍ରବାର ମଧ୍ୟାହ୍ନରେ ସୀମାନ୍ତ ସାହାବାଜିପୁର ମୌଜାରେ ଖୁଣ୍ଟ ପୋତି ବେଆଇନ ଭାବେ ସୀମା ଜବରଦଖଲ କାର୍ଯ୍ୟ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସ୍ଥାନୀୟ ନେତା ଭଗବାନ ଚନ୍ଦ୍ର ବେହେରା, ବ୍ରଜକିଶୋର ସାମଲ ଓ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ପଶ୍ଚିମବଙ୍ଗର ଏଭଳି ବେଆଇନ କାର୍ଯ୍ୟକୁ ବନ୍ଦ କରିଥିଲେ। ତେବେ ସୀମାର ସୁରକ୍ଷା ପାଇଁ ଉଦୟପୁର ବେଳାଭୂମିଠାରେ ଥିବା ତାଳସାରି ସାମୁଦ୍ରିକ ଥାନାର ପୁଲିସ ଏ ବାବଦରେ ସୂଚନା ପାଇ ନ ଥିଲେ। ସ୍ଥାନୀୟ ଜନସାଧାରଣ ଏ ବାବଦରେ ଖବର ଦେଇଥିଲେ ମଧ୍ୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚିନଥିଲେ। ଅନ୍ୟପକ୍ଷରେ ଜନ ଆକ୍ରୋଶକୁ ଦେଖି ପଶ୍ଚିମବଙ୍ଗ ରାଜସ୍ୱ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସୀମାରେ ପୋତିଥିବା ସିମେଣ୍ଟ ଖୁଣ୍ଟକୁ ଦୀଘା-ଶଙ୍କରପୁର ଉନ୍ନୟନ କର୍ତ୍ତୃପକ୍ଷର କର୍ମଚାରୀମାନେ ଉପାଡ଼ି ନେଇ ପଳାଇ ଯାଇଥିଲେ।

ପଶ୍ଚିମବଙ୍ଗ ପ୍ରଶାସନ ବାରମ୍ବାର ଓଡ଼ିଶାର ସୀମାନ୍ତ ଭୋଗରାଇ ବ୍ଲକର ସାହାବାଜିପୁର ଗ୍ରାମକୁ ଅକ୍ତିଆର କରିବାକୁ ମସୁଧା ଚଳାଇଥିବା ବେଳେ ରାଜ୍ୟ ସରକାର କିନ୍ତୁ ଚୁପ ହୋଇ ବସିଛନ୍ତି। ବିଗତ ୨୦୨୦ ନଭେମ୍ବର ୬ରେ ଏଠାରେ ଜେସିବି ଲଗାଇ ଲୋକଙ୍କୁ ଉଚ୍ଛେଦ କରିବା ସହ କିଛି ଉନ୍ନୟନ ମୂଳକ କାର୍ଯ୍ୟ କରିବାକୁ ଆସିଥିଲା ବଙ୍ଗ ପ୍ରଶାସନ। କିନ୍ତୁ ସ୍ଥାନୀୟ ଲୋକେ ତୀବ୍ର ବିରୋଧ କରିବାରୁ ସେମାନେ ଫେରିଯାଇଥିଲେ। କେବଳ ସେତିକି ନୁହେଁ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଦୟପୁର ବେଳାଭୂମିକୁ ହାତେଇବା ପାଇଁ ବହୁ ଯୋଜନା କରି ଆସୁଥିଲେ ମଧ୍ୟ ସଫଳ ହୋଇ ପାରିନାହାନ୍ତି। ତେଣୁ ରାଜ୍ୟ ସରକାର ଯଦି ଏଥିପ୍ରତି ସଜାଗ ନ ହେବେ ତେବେ ଆଗାମୀ ଦିନରେ ଓଡ଼ିଶାର ମୁଖଶାଳା କୁହାଯାଉଥିବା ସୀମାନ୍ତ ସାହାବାଜିପୁର ପଶ୍ଚିମବଙ୍ଗ ହାତକୁ ଚାଲିଯାଇ ପାରେ ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

# ସହିଦନଗର ହାଟ ପାଇଁ ମିଳିଲା ଜମି

**ଭୁବନେଶ୍ୱର,୨।୩ (ମହାଭାରତ):** ଦୀର୍ଘଦିନର ଅପେକ୍ଷା ପରେ ସହିଦନଗର ବ୍ୟବସାୟୀମାନଙ୍କ ପାଇଁ ଉଭବ ହାଟ ଜମି ଜନିତ ସମସ୍ୟାର ସମାଧାନ ହୋଇଛି। ରାଜଧାନୀର ଏକ କେନ୍ଦ୍ରସ୍ଥଳ ଭାବେ ସହିଦନଗର ରହିଥିଲେ ମଧ୍ୟ ଓ ୧୯୬୭ ମସିହାରୁ ଏଠାରେ ଏକ ହାଟ ଚାଲିଥିଲା । ଏହା ଉପରେ ଆଖପାଖ ଅଞ୍ଚଳର ପ୍ରାୟ ୧୦ହଜାର ଲୋକ ନିର୍ଭର କରନ୍ତି। ଏକ ସ୍ଥାୟୀ ହାଟ ପାଇଁ ଜମି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କ୍ଷୁଦ୍ର ବ୍ୟବସାୟୀମାନଙ୍କର ସମସ୍ୟାକୁ ହୃଦୟଙ୍ଗମ କରି ସହିଦ ନଗର ହାଟ ପାଇଁ ୨ଏକର ଜମି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଫଳରେ ୪୦୦ ବ୍ୟବସାୟୀଙ୍କର ୨୦ ବର୍ଷର ସମାଧାନ କରିବାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସହାୟକ ହୋଇଛନ୍ତି ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତ ଷଡଙ୍ଗୀ କହିଛନ୍ତି।

ଏବେ ରାଜ୍ୟରେ ନୂତନ ସରକାର ଆସିବା ଫଳରେ ଏବେ ୫ ଟି ପ୍ଲଟ ରେ ୨ ଏକର ଜମି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ହସ୍ତାନ୍ତର ହୋଇଛି। ଏବେ ଭୁବନେଶ୍ୱର ମହାନଗର ନିଗମ ର ରକ୍ଷଣା ବେକ୍ଷଣ କରିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଙ୍କୁ ସାଂସଦ ଶ୍ରମତୀ ଷଡଙ୍ଗୀ କୃତଜ୍ଞତା ଜଣାଇଛନ୍ତି।

# ଅନ୍ତିମ ପର୍ଯ୍ୟାୟରେ ସୁଭଦ୍ରା ଶକ୍ତି ମେଳା

**ଭୁବନେଶ୍ୱର,୨।୩ (ମହାଭାରତ):** ସୁଭଦ୍ରା ଶକ୍ତି ମେଳା ୨୦୨୫ ତା'ର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ, ଭୁବନେଶ୍ୱରର ଜନତା ମଇଦାନରେ ଉତ୍ସାହ ଏବଂ ଉର୍ଜ୍ଜା ବୃଦ୍ଧି ପାଇ ଚାଲିଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦର୍ଶକଙ୍କ ସହିତ ସ୍ଥାନୀୟ ବାସିନ୍ଦା ମଧ୍ୟ ମା' ମାନଙ୍କ ହାତ ତିଆରି ହସ୍ତତନ୍ତ, ହସ୍ତ ଶିଳ୍ପ, ଜୈବିକ ଉତ୍ପାଦ ପର୍ଯ୍ୟନ୍ତ ବ୍ୟାପକ ଉତ୍ପାଦ ବୁଲି ଦେଖିବାର ସୁଯୋଗ ପାଉଛନ୍ତି। ବିଶେଷ କରି ଫୁଡ୍ କୋର୍ଟ ଦର୍ଶକମାନଙ୍କର ପ୍ରିୟ ସ୍ଥାନ ହୋଇ ରହିଛି, ଯେଉଁଠି ମିଲେଟ୍-ଆଧାରିତ ଖାଦ୍ୟ ଏବଂ ଓଡ଼ିଶାର ପାରମ୍ପରିକ ବ୍ୟଞ୍ଜନର ସ୍ୱାଦ ନେବାକୁ ଇଚ୍ଛୁକ ଦର୍ଶକମାନେ ଆକର୍ଷିତ ହେଉଛନ୍ତି। ଅଷ୍ଟମ ଦିନର ଏକ ବିଶେଷ ଝଲକ ଥିଲା ହସ୍ତତନ୍ତ ପ୍ରଦର୍ଶନୀ, ଯାହା ଓଡ଼ିଶାର ସମୃଦ୍ଧ ବସ୍ତ୍ର ପରମ୍ପରାକୁ ପରିବେଷଣ କରିଥିଲା। ସମ୍ବଲପୁରୀ, ଇକ୍କତ, ପାଟ ଶାଢ଼ୀ ଏବଂ ଟସର ରେଶମର ଚମତ୍କାର ପ୍ରଦର୍ଶନ ଷ୍ଟଲଗୁଡ଼ିକୁ ମଣ୍ଡିତ କରିଥିବା ବେଳେ, ସୂକ୍ଷ୍ମ କାରିଗରୀ ଗ୍ରାହକଙ୍କୁ ମୁଗ୍ଧ କରିଥିଲା, ଯାହା ଓଡ଼ିଶାର ଚିରନ୍ତନ ଶିଳ୍ପକଳା ପରିବର୍ତ୍ତନଶୀଳ ପ୍ରବୃତ୍ତି ସହିତ ବିକଶିତ ହେବା ଜାରି ରଖିବିକୁ ପ୍ରମାଣିତ କରିଥିଲା। ଓଡ଼ିଶା ବିଜେପିର ଉପସଭାପତି ଶ୍ରୀ ଗୋଲକ ମହାପାତ୍ର ଅଷ୍ଟମ ଦିବସ ସନ୍ଧ୍ୟାରେ ମେଳା ପରିଦର୍ଶନ କରିବା ସହ ଏସଏଚଜି ଉଦ୍ୟୋଗୀ ମାନଙ୍କ ସହ ବାର୍ତ୍ତାଳାପ କରିଥିଲେ ଏବଂ ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପର ପ୍ରଚାର ପ୍ରସାରରେ ସେମାନଙ୍କ ପ୍ରୟାସର ପ୍ରଶଂସା କରି ସେମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ।

ସନ୍ଧ୍ୟା ହେବା ସହିତ, ସାଂସ୍କୃତିକ ମଞ୍ଚ ରଣପା ନୃତ୍ୟର ଏକ ରୋମାଞ୍ଚକର ପରିବେଷଣ ସହିତ ଜୀବନ୍ତ ହୋଇ ଉଠିଥିଲା, ଯାହା ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଏହା ପରେ ଦର୍ଶକ ସତ୍ୟଜ୍ଞି ପ୍ରଧାନ, ଭାଗ୍ୟଶ୍ରୀ ଏବଂ ସେମାନଙ୍କ ଦଳଙ୍କ ଦ୍ୱାରା ପରିବେଷିତ ହୃଦୟସ୍ପର୍ଶୀ ସଙ୍ଗୀତର ମଜା ଉଠାଇଥିଲେ।

ଏହି ଅବିସ୍ମରଣୀୟ ନଅ ଦିନିଆ ଯାତ୍ରାର ଭବ୍ୟ ସମାପ୍ତିରେ ମାତ୍ର ଗୋଟିଏ ଦିନ ବାକି ଥିବାବେଳେ, ସମୁଦାୟ ବିକ୍ରି ପରିମାଣ " ୩ କୋଟି ଅତିକ୍ରମ କରିଛି ଏବଂ ଆଜି ପର୍ଯ୍ୟନ୍ତ ମୋଟ ଦର୍ଶକ ସଂଖ୍ୟା ୨.୫ ଲକ୍ଷ ଅତିକ୍ରମ କରିଛି, ଯାହା ସୁଭଦ୍ରା ଶକ୍ତି ମେଳାର ପ୍ରଥମ ସଂସ୍କରଣକୁ ବିଶେଷ ସଫଳତା ଦେଇଛି।

# ଚାର୍ଜ ବେଳେ ଜଳିଗଲା ବ୍ୟାଟେରୀ ସ୍କୁଟି

**ଭୁବନେଶ୍ୱର,୨।୩ (ମହାଭାରତ):** ବାରଙ୍ଗଥାନା ଅଧୀନସ୍ଥ ବଡ଼ମୁଣ୍ଡଳି ଗ୍ରାମରେ ଏକ ବ୍ୟାଟେରି ସ୍କୁଟି ଚାର୍ଜ ବେଳେ ଜଳିଯାଇଛି। ଅକ୍ଷୟ କୁମାର ରାଉତ ନାମକ ଜଣେ ବ୍ୟକ୍ତି ନିଜ କାମକୁ ଯିବା ପାଇଁ ତାଙ୍କ ସ୍କୁଟିକୁ ବାହାରେ ଚାର୍ଜ କରି ଘରେ ଖାଇ ବସିଥିଲେ। କିଛି ସମୟ ପରେ ଗାଡ଼ିରେ ଅଚାନକ ନିଆଁ ଲାଗିବା ଆରମ୍ଭ କରିଥିଲା। ଏହା ଜାଣିପାରି ଅକ୍ଷୟ କୌଶଳ କ୍ରମେ ଗାଡ଼ିରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲ। ଫଳରେ ଏକ ବଡ଼ ଅଘଟଣରୁ ପରିବାର ଲୋକେ ବର୍ତ୍ତିଯାଇଥିଲେ। ଏହାପରେ ଗାଡ଼ିଟି ପ୍ରଚଣ୍ଡ ଶବ୍ଦ କରି ଫୁଟିଥିଲା। ପରିବାର ଲୋକ ଓ ସାହିପଡ଼ିଶା ମିଶି ବହୁ ପରିଶ୍ରମ କରି ଗାଡ଼ିଟିରେ ଲାଗିଥିବା ନିଆଁକୁ ଲିଭାଇଥିଲେ।

# ହୋମିଓପ୍ୟାଥିକ ଡାକ୍ତରଙ୍କ ଜାତୀୟ କଂଗ୍ରେସ ସମ୍ମିଳନୀ



**ଭୁବନେଶ୍ୱର,୨।୩ (ମହାଭାରତ):** ହୋମିଓପ୍ୟାଥିକ ଡାକ୍ତରଙ୍କ ୨୭ତମ ଜାତୀୟ କଂଗ୍ରେସ ସମ୍ମିଳନୀ ପୁନାସ୍ଥିତ ଏମ୍‌ଆଇଟି ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ୧ ହଜାରରୁ ଅଧିକ ଡାକ୍ତର ଯୋଗଦାନ କରିଥିଲେ। ଅଭିନ୍ନଚନ୍ଦ୍ର ହୋମିଓପ୍ୟାଥିକ ଭେଜଷ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ପୂର୍ବତନ ଅଧକ୍ଷ ତଥା ଜାତୀୟ ଉପଦେଷ୍ଟା ଆଇଆଇଏଚ୍‌ପିର ପ୍ରଫେଦର ଡାକ୍ତର ନିରଞ୍ଜନ ମହାନ୍ତି ଏହି ଡାକ୍ତରଙ୍କ ସମ୍ମିଳନୀରେ ଯୋଗଦେଇ ଆଣ୍ଠୁଗଣ୍ଠି ବାତର ହୋମଓପ୍ୟାଥିକ ଚିକିତ୍ସା ଉପରେ ଆଲୋଚନା କରି ବୈଜ୍ଞାନିକ ସନ୍ଦର୍ଭ (ସାଇଣ୍ଟିଫିକ୍ ପେପର) ଉପସ୍ଥାପନ କରିଥିଲେ। ପ୍ରଫେସର ମହାନ୍ତି କହିଥିଲେ ଯେ, ହୋମିଓପ୍ୟାଥିକ ଔଷଧ ଓ ଚିକିତ୍ସା ଦ୍ୱାରା ଆଣ୍ଠୁଗଣ୍ଠି ବାତରୋଗ ଦୂର ହୋଇପାରିବ। ପ୍ରଫେସର ମହାନ୍ତି କେନ୍ଦ୍ର ସରକାରଙ୍କ ଦ୍ୱାରା ସର୍ବୋତ୍କୃଷ୍ଟ ଶିକ୍ଷକ ପୁରସ୍କାରରେ ସମ୍ମାନିତ ହେବା ସଙ୍ଗେ ସଙ୍ଗେ ଆନ୍ତର୍ଜାତୀୟସ୍ତରରେ ବହୁତ ପୁରସ୍କାରେ ସମ୍ମାନିତ ହୋଇଛନ୍ତି। ସେ ଏକାଧାରରେ ୧୪ଖଣ୍ଡ ହୋମିଓପ୍ୟାଥିକ ପାଠ୍ୟପୁସ୍ତକର ରଚୟିତା ଅଟନ୍ତି। ସେ ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମିଳନୀରେ ବହୁତଗୁଡ଼ିଏ ଅନୁଚ୍ଛେଦ ଉପସ୍ଥାପନ କରିଛନ୍ତି ଏବଂ ତାଙ୍କର ଚିକିତ୍ସା ସମ୍ବନ୍ଧୀୟ ପତ୍ରପତ୍ରିକାଗୁଡ଼ିକ ଉଚ୍ଚମାନର ହୋଇଥିବାରୁ ତାହା ସାଧାରଣରେ ବେଶ୍ ପ୍ରଶଂସିତ ହୋଇଛି। ସେ ଜଣେ ବିଶିଷ୍ଟ ହୋମିଓପ୍ୟାଥିକ ଚିକିତ୍ସକ ଅଟନ୍ତି। ଏବେ ସେ ଅନେକ ଗରିବ ଓ ଅସହାୟ ରୋଗୀଙ୍କୁ ବର୍ତ୍ତମାନ ତାଙ୍କର ବାସଭବନ ପ୍ଲଟ ନଂ-୯୨, ଧର୍ମବିହାରସ୍ଥିତ, ଖଣ୍ଡଗିରି, ଭୁବନେଶ୍ୱରରେ ହୋମିଓପ୍ୟାଥିକ ଚିକିତ୍ସା ପ୍ରଦାନ କରିଆସୁଛନ୍ତି।

# କିଟ୍‌ରେ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ପାଳିତ



**ଭୁବନେଶ୍ୱର,୨।୩ (ମହାଭାରତ):** କିଟ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ରାଷ୍ଟ୍ରୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନରୱେର ପୂର୍ବତନ ମନ୍ତ୍ରୀ ତଥା କୂଟନୀତିଜ୍ଞ ଏରିକ୍ ସୋଲେମ୍ ଓ ଖ୍ୟାତି ସମ୍ପନ୍ନ ଜ୍ୟୋତିର୍ବିଜ୍ଞାନୀ ଡ. ଅଶ୍ୱିନ ଶେଖର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସୋଲେମ୍ ତାଙ୍କ ଅଭିଭାଷଣରେ କିଟ୍ ଓ କିସ୍ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। କିଟ୍ ଓ କିସ୍ ଭଳି ଅନୁଷ୍ଠାନ ସାମାଜିକ ପରିବର୍ତ୍ତନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ଯେତେବଡ଼ ଉଚ୍ଚ ସ୍ଥାନରେ ପହଞ୍ଚିଲେ ମଧ୍ୟ ସବୁବେଳେ ନମ୍ର ହେବାକୁ ଚେଷ୍ଟା କର। ଗ୍ରାମୀଣ ଓ ଜନଜାତି ସମ୍ପ୍ରଦାୟଙ୍କ ସଶକ୍ତିକରଣରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ପ୍ରଶଂସା କରି ଡ. ଶେଖର କହିଲେ, ଶ୍ରୀ ସାମନ୍ତଙ୍କ ଏହି ପ୍ରୟାସ ଅତି ଉଚ୍ଚରେ ରହିଛି। ଏହି ଅବସରରେ ସେ କିସ୍‌କୁ ଏକ ଟେଲିସ୍କୋପ ଦାନ କରି କହିଲେ, ଆଜି ଭଳି ଦିନରେ ଏହି ଟେଲିସ୍କୋପ୍ ପାଇବା ପାଇଁ କିସ୍ ହେଉଛି ଯୋଗ୍ୟତମ ଅନୁଷ୍ଠାନ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଭାରତର ବୈଜ୍ଞାନିକ ପ୍ରଗତିର ସମୃଦ୍ଧ ଇତିହାସ ଉପରେ ଆଲୋକପାତ କରିଥିଲେ। ବିଜ୍ଞାନକୁ ଛାତ୍ରଛାତ୍ରୀଙ୍କ ପାଇଁ ଆକର୍ଷଣୀୟ ଏବଂ ଉପଭୋଗ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ।

# ପୂର୍ବତଟ ରେଳପଥ ପକ୍ଷରୁ ବୈଦ୍ୟୁତିକ ଟ୍ରାକ୍ସନର ଶତବାର୍ଷିକୀ ପାଳିତ



**ଭୁବନେଶ୍ୱର,୨।୩ (ମହାଭାରତ):** ୩ ଫେବୃଆରୀ ୧୯୨୫ ରେ ଭାରତର ପ୍ରଥମ ବିଦ୍ୟୁ ଟ୍ରେନର ଶୁଭାରମ୍ଭ ପରଠାରୁ ୧୦୦ ବର୍ଷର ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ଲକ୍ଷ୍ୟ କରି ଗର୍ବର ସହିତ ବୈଦ୍ୟୁତିକ ଟ୍ରାକ୍ସନର ଶତବାର୍ଷିକୀ ପାଳନ କରୁଛି ଭାରତୀୟ ରେଳବାଇ। ବିଗତ ଶତାବ୍ଦୀରେ, ବିଦ୍ୟୁତୀକରଣ ରେଳବାଇ କାର୍ଯ୍ୟରେ ବିପ୍ଳବ ଆଣିଛି, ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହିତ ଦକ୍ଷତା, ସ୍ଥାୟୀତ୍ୱ ଏବଂ ପ୍ରଗତିକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି।

ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଧୁନିକ ରେଳବାଇ କାର୍ଯ୍ୟରେ ସ୍ୱୟଂଚାଳିତ, ରକ୍ଷଣାବେକ୍ଷଣ ଏବଂ ନିଦାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଭାରତୀୟ ରେଳବାଇକୁ ଦ୍ରୁତ ପ୍ରଯୁକ୍ତିବିଦ୍ୟା ଉନ୍ନତି ସହିତ ଖାପ ଖୁଆଇବା ଏବଂ ଆଗାମୀ ୨୫ ବର୍ଷ ପାଇଁ ପ୍ରସ୍ତୁତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଫୁଙ୍କୱାଲ ରେଳବାଇ ଭିତ୍ତିଭୂମି ରକ୍ଷଣାବେକ୍ଷଣରେ ଉନ୍ନତି ଆଣିବାର କାର୍ଯ୍ୟକଳାପକୁ ମଧ ଗୁରୁତ୍ୱାରୋପ କରିଥିଲେ ଏବଂ ଭାରତୀୟ ରେଳବାଇ ମଧ୍ୟରେ ଟ୍ରାକ୍ସନ୍ ବଣ୍ଟନ କୁ ଏକ ରୋଲ୍ ମଡେଲ୍ ଭାବରେ ସ୍ୱୀକାର କରିଥିଲେ। ଏହି ଅବସରରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ, ସମସ୍ତ ପ୍ରମୁଖ ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ମାନଙ୍କ ସହିତ ପ୍ରମୁଖ ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର ଯୋଗ ଦେଇଥିଲେ, ଯେଉଁମାନେ ସାମୂହିକ ଭାବରେ ଭାରତରେ ରେଳ ବିଦ୍ୟୁତୀକରଣର ଉଲ୍ଲେଖନୀୟ ଯାତ୍ରାକୁ ସ୍ୱୀକୃତି ଦେଇଥିଲେ।

ଭାରତରେ ରେଳ ବିଦ୍ୟୁତୀକରଣର ମୂଳଦୁଆ ୩ ଫେବୃଆରୀ ୧୯୨୫ ରେ ପ୍ରାରମ୍ଭ କରାଯାଇଥିଲା ଯେତେବେଳେ ଗ୍ରେଟ୍ ଇଣ୍ଡିଆନ୍ ପେନିନସୁଲା ରେଲୱେ (ଏଓଟଜ) ବମ୍ବେ ଏବଂ କୁର୍ଲା ମଧ୍ୟରେ ପ୍ରଥମ ବୈଦ୍ୟୁତିକ ଟ୍ରେନ ସେବା ପ୍ରଚଳନ କରିଥିଲା। ଏହି ୧୬ ରୁଟ୍ କିଲୋମିଟର ସେକ୍ସନ ୧୫୦୦ ଡିସି ଟ୍ରାକ୍ସନ୍ ସିଷ୍ଟମରେ ପରିଚାଳିତ ହୋଇଥିଲା ଏବଂ ବମ୍ବେର ତତ୍କାଳୀନ ରାଜ୍ୟପାଳ ସାର୍ ଲେସଲି ୱିଲସନ୍ ଙ୍କ ଦ୍ୱାରା ଏହାକୁ ଉଦଘାଟନ କରାଯାଇଥିଲା। ଏହି ମାଇଲଖୁଣ୍ଟ ସହିତ, ଭାରତ ବୈଦ୍ୟୁତିକ ଟ୍ରାକ୍ସନ୍ ଗ୍ରହଣ କରିବାରେ ବିଶ୍ୱର ୨୪ତମ ଦେଶ ପାଲଟିଲା। ରେଳ ବିଦ୍ୟୁତୀକରଣର ପ୍ରାରମ୍ଭିକ ପର୍ଯ୍ୟାୟ ଅନେକ ବୈଷୟିକ ଓ ପ୍ରଯୁକ୍ତିବିଦ୍ୟା ଗୁଡିକର ଚ୍ୟାଲେଞ୍ଜ ସୃଷ୍ଟି କରିଥିଲାୟ ତଥାପି, ନିରନ୍ତର ନବସୃଜନ ଯୋଗୁଁ ୧୯୫୦ ଦଶକରେ ୩୦୦୦ ଡିସି ଟ୍ରାକ୍ସନ ଗ୍ରହଣ କରାଯାଇଥିଲା ଏବଂ ୧୯୫୭ ମସିହାରେ ହାଓଡା-ବର୍ଦ୍ଧମାନ ସେକ୍ସନ ଏହି ସିଷ୍ଟମ ଅଧୀନରେ ପ୍ରଥମ ବିଦ୍ୟୁତୀକରଣ ହୋଇଥିଲାୟ ୨୫ ଲଠ ଇଉ ଟ୍ରାକ୍ସନର ଉତ୍କୃଷ୍ଟ ଦକ୍ଷତାକୁ ସ୍ୱୀକାର କରି, ଭାରତୀୟ ରେଳବାଇ ଟ୍ରାକ୍ସନ ପରାମର୍ଶଦାତା କମିଟିର ସୁପାରିଶ ଆଧାରରେ ୧୯୫୭ ମସିହାରେ ଏହି ସିଷ୍ଟମକୁ ମାନକୀକରଣ କରିଥିଲା।

# ସାମ୍ବାଦିକଙ୍କ ଧାରଣା

**ଭୁବନେଶ୍ୱର,୨।୩ (ମହାଭାରତ):** ବାଲିଅନ୍ତା ବ୍ଲକ ସମ୍ମୁଖରେ ସାମ୍ବାଦିକଙ୍କୁ ବୈଠକ ରୁ ବାହାର କରିବା ପ୍ରତିବାଦରେ ଧାରଣା ଆଜି ଚତୁର୍ଥ ଦିନରେ ଜାରି ରହିଛି। ପ୍ରଶାସନ କିମ୍ବା ଜନପ୍ରତିନିଧି ଙ୍କ ଦେଖା ନ ମିଳିବାରୁ ଆଜି ଚରମ ନିଷ୍ପତି ନେଇ, ଆଗାମୀ ଦିନରେ ଅଧକ୍ଷା ଙ୍କ କୌଣସି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ନ କରିବାକୁ ଓ ବ୍ଲକ ରେ ସମସ୍ତ ଦୁର୍ନୀତି ର ପର୍ଦ୍ଦାଫାଶ କରିବା ସହିତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସ୍ଥିର ହୋଇଛି। ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀ ଙ୍କୁ ଭେଟି ଆଲୋଚନା କରିବାକୁ ମଧ ଆଜି ପ୍ରସ୍ତାବ ଗ୍ରହଣ କରାଯାଇଛି। ଆଜି ଅପରାହ୍ନ ରେ ଧାରଣା ସ୍ଥଳରେ କଂଗ୍ରେସ ଦଳର ବରିଷ୍ଠ ନେତା ମାନସ ଚୋଧୁରି, ଯାସିର ନୱାଜ୍,ମନୋଜ ବିଶ୍ୱାଳ,ଜନ୍ମେଜୟ ସ୍ୱାଇଁ,ସନ୍ଦୀପ ରାଉତରାୟ,ବେଣୁଧର ଭୋଇ,ବଟକୃଷ୍ଣ ରାଉତରାୟ ପ୍ରମୁଖ ପହଞ୍ଚି ଅଧକ୍ଷାଙ୍କ କାର୍ଯ୍ୟ ର ଦୃଢ଼ ନିନ୍ଦା କରିବା ସହିତ ଆନ୍ଦୋଳନ କୁ ସମର୍ଥନ ଜଣାଇଥିଲେ। ପୂର୍ବାହ୍ନରେ ଓଡ଼ିଶା ସାମ୍ବାଦିକ ସଂଘ ର ସଭାପତି ପ୍ରସନ୍ନ ମହାନ୍ତି ଧାରଣାରେ ସାମିଲ ହୋଇ ଆନ୍ଦୋଳନକୁ ରାଜ୍ୟ ସ୍ତରରେ ପହଞ୍ଚାଇବାକୁ ଉଦ୍ୟମ ହେବ ବୋଲି କହିଥିଲେ।

# ବାବୁଙ୍କ କଳା ସମ୍ପତ୍ତି

ରାଜ୍ୟ ସରକାରଙ୍କର ଏକ ଦୁର୍ନୀତି ନିବାରଣ ବିଭାଗ ରହିଛି। ଏହି ବିଭାଗ ଅନେକ ସମୟରେ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ, ଅଫିସର, ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସେମାନଙ୍କ ଘରେ ରେଡ କରାଯାଉଛି। କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ ହେଉଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି, ପରେ ସସପେଣ୍ଡ ବି ହେଉଛନ୍ତି। କୋର୍ଟରେ ମାମଲା ହେଉଛି। କିନ୍ତୁ ବାସ୍ତବରେ ଏହି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ଦଣ୍ଡହାର ଅତି କମ। ଅର୍ଥାତ ତଳ କୋର୍ଟରେ ହେଉ ବା ଉପର କୋର୍ଟରେ ଅଭିଯୁକ୍ତମାନେ କୋର୍ଟରେ ପ୍ରମାଣ ଅଭାବରୁ ଖସିଯାଉଛନ୍ତି। ଖୁବ କମ ବ୍ୟକ୍ତି ବାସ୍ତବରେ ଦଣ୍ଡିତ ହେଉଛନ୍ତି। ସବୁଠାରୁ ବଡ଼ କଥା ହେଲା ଯେଉଁମାନେ ଦୁର୍ନୀତି ଅଭିଯୋଗରେ ଧରାପଡୁଛନ୍ତି ସେମାନଙ୍କ ମଧ୍ୟରୁ ଖୁବ କମ ବ୍ୟକ୍ତି ଉଚ୍ଚପଦସ୍ଥ। ଆଇଏଏସ, ଆଇପିଏସ ଅଫିସର କ୍ୱଚିତ ଭିଜିଲାନ୍ସ ଜାଲରେ ପଡୁଛନ୍ତି। ଅଧିକାଂଶ କ୍ଷେତ୍ରରେ ଦ୍ୱିତୀୟ ବା ତୃତୀୟ ଶ୍ରେଣୀ କର୍ମଚାରୀ ବା ଜୁନିୟର ପ୍ରଥମ ଶ୍ରେଣୀ ପାହ୍ୟାର ଅଫିସର ଧରାପଡୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୁର୍ନୀତି ନିବାରଣ ପାଇଁ ଏତେ ପଦକ୍ଷେପ, ଅଭିଯାନ ସତ୍ତ୍ୱେ ଦୁର୍ନୀତି ଲୋପ ପାଇବା ଦୂରର କଥା ଏହା ହ୍ରାସ ପାଇବାର ମଧ୍ୟ ସଙ୍କେତ ମିଳୁନି। ପ୍ରତି ସ୍ତରରେ ଦୁର୍ନୀତି ଚାଲିଛି। ଯିଏ ଯେଉଁଠି ପାରିଲା ରାଜକୋଷକୁ ଲୁଟ କରୁଛନ୍ତି। ଆଉ ସାଧାରଣ ଲୋକଟିଏ ସରକାରୀ ଅଫିସକୁ କୌଣସି କାମରେ ଗଲେ ଲାଞ୍ଚ ନଦେଲେ ତାଙ୍କ କାମ ହେଉନି। ଦୁର୍ନୀତି ଯୋଗୁ ସାଧାରଣ ଲୋକଟିଏ ଶୋଷଣର ଶିକାର ହେଉଛି। ତହସିଲ ଅଫିସଠାରୁ ଆରମ୍ଭ କରି ବିଡିଓ, କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି। ବିଭିନ୍ନ ଇଞ୍ଜିନିୟରିଂ ବିଭାଗ ଦୁର୍ନୀତିରେ ବୁଡ଼ି ରହିଛନ୍ତି। ଗୋଟିଏ ରାସ୍ତା ପାଇଁ କୋଟିଏ ଟଙ୍କା ଖର୍ଚ୍ଚ ହେଲେ କଣ୍ଟ୍ରାକ୍ଟର ବିଲ ହେଉଛି ୫ କୋଟି ଟଙ୍କା। କଣ୍ଟ୍ରାକ୍ଟର ନିଜ ଲାଭ ବାଦ ମୂଳରୁ ଚୂଳ ପର୍ଯ୍ୟନ୍ତ ସବୁଠି ପିସି ଦେଉଛନ୍ତି। ଗରିବ ଲୋକଙ୍କ ଟିକସ ଅର୍ଥକୁ ଏପରି ଭାବେ ଲୁଟ କରାଯାଉଛି। ଆଉ ଦୁର୍ନୀତି ଯୋଗୁ କାମ ବି ନିମ୍ନମାନର ହେଉଛି। ପୁଣି ବର୍ଷେ ଦୁଇ ବର୍ଷ ପରେ ସେହି କାମ ପାଇଁ ଟେଣ୍ଡର ଡକାଯାଉଛି। ଏହା ହେଉଛି ଆମ ଶାସନ ବ୍ୟବସ୍ଥା। ବ୍ୟବସ୍ଥାରେ ଏତେ ତ୍ରୁଟି ରହିଛି ଯେ, ଏହାକୁ ସୁଧାରିବା ସମ୍ଭବ ହେଉନି। ନିକଟରେ ମାଲକାନଗିରି ଜିଲ୍ଲାର ଜଣେ ପିଡି ଭିଜିଲାନ୍ସ ଜାଲରେ ପଡ଼ିଛି। ଚଢ଼ଉ ବେଳେ ତାଙ୍କ ନିକଟରେ ନଗଦ ପ୍ରାୟ ୨ କୋଟି ଟଙ୍କା ଏବଂ ବିପୁଳ ପରିମାଣର ସୁନା ତଥା ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଜଣେ ସାଧାରଣ ସରକାରୀ କର୍ମଚାରୀଙ୍କ ନିକଟରେ ଏତେ ସମ୍ପତ୍ତି କିପରି ଆସିଲେ ତାହା ନିଶ୍ଚିତ ଭାବେ ବଡ଼ ପ୍ରଶ୍ନବାଚୀ। ଦୁର୍ନୀତିପୂର୍ଣ୍ଣ ଉପାୟରେ ସେ କଳା ଟଙ୍କାର ପାହାଡ଼ ସୃଷ୍ଟି କରିଛନ୍ତି। ଆଉ ଅନେକ ବର୍ଷ ହେବ ସେ ବେଶ ଅୟସରେ ଜୀବନ ବିତାଇଥିବେ। କୋଟି କୋଟି ଟଙ୍କା ବିଳାସ ବ୍ୟସନରେ ବ୍ୟୟ କରିଥିବେ। ଏହା ବାଦ ଏତେ ଟଙ୍କା ପାଖରେ ରଖିଛନ୍ତି। ତାହା ପୁଣି ନଗଦ ଟଙ୍କା ଆକାରରେ। ତାଙ୍କ ନିକଟରୁ ଜବତ ହୋଇଥିବା ସୁନା ମୂଲ୍ୟ ମଧ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା ହେବ। ଘର ଏବଂ ଜମି ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ। ଏଥିରେ ତାଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି। କିନ୍ତୁ ଏସବୁ ଉପରଠାଉରିଆ କାର୍ଯ୍ୟାନୁଷ୍ଠାନ। କିଛି ଦିନ ପରେ ଲୋକେ ସବୁ ଭୁଲିଯିବେ। କୋର୍ଟରେ ଭଲ ଓକିଲ ଲଗାଇ ଅଭିଯୁକ୍ତ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବେ। ଏହା ଏକ ଗତାନୁଗତିକ ଧାରା ପାଲଟିଗଲାଣି। ଦୁର୍ନୀତି ବିରୋଧରେ ଏପରି ଅଭିଯାନ ସତ୍ତ୍ୱେ ଏହା କାହିଁକି ବନ୍ଦ ହେଉନି? ଏହାର କାରଣ ହେଲା କୋହଳ ଦଣ୍ଡ ବ୍ୟବସ୍ଥା ବା ଆଇନର ଫାଙ୍କ ଦେଇ ଖସିଯିବାର ସୁଯୋଗ।

# ମାଟି, କୃଷି ଓ ଚାଷୀ

॥ ଡି ଶୁଭମ୍ ॥

*କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢ଼ି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢିଛନ୍ତି।*

ସାମ୍ପ୍ରତିକ ସମୟର ବାସ୍ତବ ଚିତ୍ରକୁ ଯଦି ଲକ୍ଷ୍ୟ କରାଯାଏ ଚାଷୀର ମନ କଥା ବୁଝିବାକୁ ଆଜି ଯାଏଁ ବି କେହି ସମର୍ଥ ନୁହନ୍ତି। ଏକ ନିରୀହ ଚାହାଣିରେ ସେ ଅସୁମାରୀ ଲୋକଙ୍କ ମନରେ ଫୁଟାଇ ପାରେ ଅଫୁରନ୍ତ ହସ। ସେଇଥି ପାଇଁ ତ ସେ ମହାନ। ସରକାର ସବୁବେଳେ ଚାଷୀଙ୍କୁ ନିଜ ଫୋକସ୍‌ରେ ରଖିଥାନ୍ତି। ଏକଥା ସତ। କିନ୍ତୁ ସେସବୁ ଯେ ସତରେ କେତେଦୂର ଗ୍ରହଣୀୟ ସେକଥା କେବଳ ନିଜେ ଚାଷୀଟିଏ ହିଁ କହିପାରିବ।

ତିନି ବର୍ଷ ତଳେ ଯେତେବେଳେ କୃଷି ସ୍ନାତକରେ ଚତୁର୍ଥ ବର୍ଷରେ ପଢୁଥିଲି, କୃଷି ପ୍ରଶିକ୍ଷଣ ଦେବା ପାଇଁ ଅନେକ ଗାଁକୁ ଯାଉଥିଲି । ମନରେ ତ ଭୟ ଥିଲା ନିଶ୍ଚୟ। ଚାରି ବର୍ଷର ପାଠପଢ଼ାକୁ ମୁଁ ସେମାନଙ୍କୁ କହିବାକୁ ଯାଉଛି, ହେଲେ ସେମାନେ ତ ତିରିଶ ବର୍ଷ ହେବ ସେଇ ମାଟି ସହ ଜଡ଼ିତ ହୋଇ ଅଛନ୍ତି। ସେଇଥି ଘର , ସେଇଠି ସ୍ୱର୍ଗ। ସେମାନଙ୍କୁ ବି ଆମେ କଣ ପ୍ରଶିକ୍ଷଣ ଦେବୁ। କିନ୍ତୁ ଯେତେବେଳେ ସେ ଚାଷୀଙ୍କ ସହ ବହୁ ପାଖରୁ ମିଶିବାର ସୁଯୋଗ ମିଳିଲା ସେତେବେଳେ ପ୍ରଶିକ୍ଷଣ କମ୍ ଆଉ ଆଳାପ ବେଶୀ ହେଲା। ଅର୍ଥାତ ଏଇ ଚାରି ଘଣ୍ଟାର ପ୍ରଶିକ୍ଷଣ ସମୟ ଭିତରେ ଆମେ ସମସ୍ତେ ଆମ ଜୀବନର ଅନେକ ପୁରୁଣା କଥା ସାଉଁଟି ବସୁ। ସେ ମୁହୂର୍ତ୍ତ ସତରେ ସ୍ମରଣୀୟ। ନିଜେ ଜାଣିବାକୁ ଚେଷ୍ଟା କଲି ସତରେ ଏ ଚାଷରେ ଅଛି କଣ ?

ଆଉ ସେହିଠାରେ ଜାଣିବାକୁ ପାଇଲି ଏବେର ଆଧୁନିକ ଯୁଗରେ ଲୋକ ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି। ଆଉ ମୁଁ ତ ଏହାର ଭୁକ୍ତଭୋଗୀ। ପ୍ରଥମ ବର୍ଷ ଯେବେ କୃଷି ପାଠ୍ୟକ୍ରମରେ ନାଁ ଲେଖାଇଲି , କେତେ କଥା ଗାଁରେ। ପୁଅ ଚାଷ କରିବ ବଡ଼ ହୋଇ , ଆମ ବିଲ ଖାଲି ଅଛି.ଆସିବୁ ପାଠ ପଢ଼ି। ଏମିତି ଅନେକ। ସେତେବେଳେ ତ କିଛି ବୁଝିପାରି ନଥିଲି। କେବଳ ଏତିକି ମନେ ହେଲା ଯେ ସତରେ କଣ ଚାଷ ଏତେ ଖରାପ? ଲୋକ କଣ ପାଇଁ ଏ ପାଠ ପଢ଼ିଲା ବେଳକୁ ଏମିତି କଥା କହୁଛନ୍ତି। ଯଦି କେଉଁ ପିଲା ମେଡ଼ିକାଲ କି ଇଂଜିନିୟରିଂ ପଢୁଛି , କି ଆଇନ ପାଠ ପଢୁଛି ସେବେ ବାହାବାହା ଦେଲା ବେଳକୁ ଏ ପାଠରେ ଏତେ କୁଣ୍ଠାବୋଧ କଣ ପାଇଁ। ଅନ୍ୟପକ୍ଷରେ ସରକାର କୃଷିକୁ ଯଥୋଚିତ ଗୁରୁତ୍ୱ ଦେଉଥିଲା ବେଳେ ଲୋକେ କଣ ପାଇଁ କୃଷି ଶିକ୍ଷାକୁ ନାକ ଟେକୁଛନ୍ତି। ସେ ଯାହା ବି ହେଉ ଏବେ ମୋର ଚାରି ବର୍ଷର କୃଷି ସ୍ନାତକ ଶେଷ ହୋଇଯାଇଛି। ଅନେକ କିଛି ଶିଖିଛି। ଅନେକ ଚାଷୀଙ୍କ ସହ ମିଶିଛି। ଆଉ ମୋ ମତରେ କୃଷି ପାଠ୍ୟକ୍ରମ ମୋ ପାଇଁ ସବୁକିଛି। ଜୀବନର ପ୍ରକୃତ ରହସ୍ୟକୁ ଖୋଜି ଆଣିବାରେ ଏହା ମୋତେ ବାଟ ଦେଖାଇଛି। ଯେତେବେଳେ ଚାଷୀଙ୍କ ସହ ମିଶିବାର ସୁଯୋଗ ମିଳେ, ସେମାନେ ନିଜ ଚାଷବାସର କଥାକୁ ବେଶ ନିଖୁଣ ଭାବେ କହିଚାଲନ୍ତି , ତାହାକୁ ଶୁଣି ଆଖିରୁ ଲୁହ ଆସିଯାଏ। ମନେ ମନେ ଭାବିଲି, ଆମେ ବଡ଼ ଚାକିରୀ ପାଇଁ କେତେ ଲୋଭ କରୁଛନ୍ତି , ବର୍ଷରେ ଚାକିରିର ପ୍ୟାକେଜ କେତେ ଅଛି ପ୍ରଥମେ ଦେଖୁଛନ୍ତି କିନ୍ତୁ ଏମାନଙ୍କ କଥା ଭାବିଲେ। ନା ପ୍ୟାକେଜ , ନା ହାକିମ ହେବାର ଇଚ୍ଛା। ସବୁକିଛି ଏମାନଙ୍କ ଆଗରେ ତୁଚ୍ଛ। ବାସ ଚାଷ ଜମିରେ କେଇ ଘଣ୍ଟା ବିତାଇଦେଲେ ସେମାନଙ୍କର ଆତ୍ମତୃପ୍ତି ମିଳିଯାଏ। କିନ୍ତୁ ଯଦି ଚାଷୀମାନଙ୍କୁ ହିଁ ଅଣଦେଖା କରାଯାଏ , ଏହାଠୁ ବଡ଼ ଦୁଃଖର ବିଷୟ କିଛି ନାହିଁ। ମାଟି କୃଷିର ଏକ୍ତୁଡିଶାଳ। ମୁଦ୍ରାର ଦୁଇପାର୍ଶ୍ୱ ପରି ଉଭୟେ ଅଙ୍ଗାଅଙ୍ଗୀ ଭାବେ ଜଡିତ। ଜଣକ ବିନା ଅନ୍ୟଟି ନିରୁପାୟ। ମାଟି ଉପରେ ହିଁ ଚାଷ କରେ କୃଷକ। ବିପିତ ବିହନ ଗଜାମେଲେ, କର୍ଷଣରେ ଭରିଦିଏ କୃଷକ। ସବୁର ଆଧାର ମାଟି। ନିଜର ସ୍ୱାର୍ଥକୁ ଚରିତାର୍ଥ କରିବାପାଇଁ ମଣିଷ କ'ଣ ବା ନକରୁଛି? ମାଟି ବୋଲି ଗୋଟିଏ ଶବ୍ଦ ଅଛି ବୋଲି ବି ଆଜି ସେ ଭୁଲିଯାଇଛି। ଜୀବନରେ ସଂଜ୍ଞା ବଦଳିଛି ସତ ଆଉ ତାଭିତରେ ମାଟିର ସଂଜ୍ଞା ଆଜି ଅସ୍ଥିର ପ୍ରାୟ।

କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢିଛନ୍ତି। ହେଲେ କ'ଣ ହେବ, ସବୁ ଯାହାକୁ ତାହା। ସେ ସବୁ ଆଜି ଚୂଲିମୁଣ୍ଡକୁ ଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ସହିତ ମଣିଷ ଏବେ କୃଷି ପାଇଁ ଜଙ୍ଗଲ କ୍ଷୟ କରୁଛି। ଯେଉଁ ଚେର ଦିନେ ମାଟିର ଭିତରକୁ ଜାବୁଡି ଧରିଥିଲା, ଆଜି ସେ ନିରୁପାୟ ଶ୍ରୀହୀନ। ମାଟି ଫାଟି ଆଁ କରୁଛି ତ୍ରାହି ତ୍ରାହି ଚିତ୍କାର କରୁଛି।

ସମ୍ପ୍ରତି ଭାରତ ବର୍ଷରେ ୧୪୭ ମିଲିୟନ ହେକ୍ଟରର ମୃତ୍ତିକା କ୍ଷୟ ହୋଇସାରିଛି। ସେମଧ୍ୟରୁ ୯୪ ମିଲିୟନ ହେକ୍ଟର ଜଳ ପ୍ରଦୂଷଣ, ୧୬ ମିଲିୟନ ହେକ୍ଟର ବନ୍ୟା, ୯ ମିଲିୟନ ହେକ୍ଟର ବାୟୁ ପ୍ରଦୂଷଣ ଆଉ ୭ ମିଲିୟନ ହେକ୍ଟର ଅନ୍ୟାନ୍ୟ କାରଣ ଯୋଗୁଁ ହେଉଛି। ତେବେ ଯଦି ଏମିତି ପରିମାଣରେ ମୃତ୍ତିକା କ୍ଷୟ ହୁଏ ତେବେ ୨୦୨୫ ବେଳକୁ କୃଷି ପାଇଁ ଜମି ନଥିବ। ସେତେବେଳେ ମଣିଷ କରିବ କ'ଣ? ଯଦି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଏମିତି କରିବାପାଇଁ ପଛାଉନାହିଁ, ତେବେ ଟିକେ ଭାବନ୍ତୁନା ଆଉ କିଛି ଦିନପରେ ଅବସ୍ଥା କ'ଣ ହେବ?

ବ୍ୟବହୃତ ରାସାୟନିକ ସାରର ଅଧିକାଂଶ ମଣିଷ ଖାଦ୍ୟ ଭାବେ ଗ୍ରହଣ କରୁଛି। ଏହା ଜାଣି ବି ସବୁ ଅଜଣା। ତେବେ ମୃତ୍ତିକା ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ ହେଉଛି ସତ ସବୁ କାଗଜ କଲମରେ ରହିଯାଉଛି। କୃଷି ଓ କୃଷକଙ୍କ ପାଇଁ ସରକାର ଯୋଜନା ପ୍ରଣୟନ କରୁଛିଁ। ଏହାକୁ କାର୍ଯ୍ୟକାରୀ ବି କରୁଛନ୍ତି। ନିକଟରେ ଜଳସେଚନ ପାଇଁ ସୌର ଜଳନିଧି ଯୋଜନା ଆରମ୍ଭ ହେଲା। ପରନ୍ତୁ ଦୁଃଖର ବିଷୟ ମୃତ୍ତିକା ସଂରକ୍ଷଣ ପାଇଁ ସେମିତି କିଛି ଯୋଜନା ପ୍ରଣୟନ ହେଉନି। ଆଜିବି ଅନେକଙ୍କ ଅଜ୍ଞାତ ଦ୍ୱାରରେ ବିଶ୍ୱ ମୃତ୍ତିକା ଦିବସ। କେତକ କୃଷି ଛାତ୍ର, ବୈଜ୍ଞାନିକ ଆଉ ଅଫିସରଙ୍କୁ ଛାଡିଦେଲେ ବୋଧହୁଏ ଆଉ କେହି ଶୁଣିବି ନଥିବେ। ତେବେ କୃଷି ପାଇଁ ମାଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେକଥା ଜମିରେ ଝାଳ ବୁହାଇଥିବା ଚାଷୀ ଭାଇଟିଏ ଜାଣିଛି। ହେଲେ ବିଳାସବ୍ୟସନରେ ଜୀବନ ନିଭାଉଥିବା ମଣିଷ ଜାଣିନି। ମୋ ଲେଖିବାର ଅଭିପ୍ରାୟ ମୁଁ ନିଜେ କୃଷି ସ୍ନାତକ ଅଧ୍ୟୟନରତ। ପରନ୍ତୁ ଦୁଃଖର ବିଷୟ ବିଶ୍ୱ ମୃତ୍ତିକା ଦିବସ ଖାଲି ଦିବସରେ ରହିଯାଉଛି।

ମୃତ୍ତିକା ସଂରକ୍ଷଣ ପାଇଁ ନୂତନବନୀକରଣ, ଜୈବିକ କୃଷି, ଜୈବିକ ଖତ ଯଥା (ଜୀବାମୃତ, ପଞ୍ଚଗବ୍ୟ, ଦଶଗବ୍ୟ, ଅମୃତପାଣି)ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ମିତ୍ରକୀଟ ସଂଖ୍ୟା ବଢାଇବା ସହ ପାରମ୍ପରିକ ପଦ୍ଧତିରେ ରାସାୟନିକ ସାରର ବ୍ୟବହାରକୁ ବନ୍ଦ କରିବାକୁ ନିଷ୍ପତି ନିଆଯାଉଛି। ନିକଟରେ ୨୫ରୁ ଅଧିକ କୀଟନାଶକକୁ ଭାରତ ସରକାର ସେସବୁର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏହା ଏକ ସୁଦୂରପ୍ରସାରୀ ପଦକ୍ଷେପ କହିଲେ ଭୁଲ ହେବନାହିଁ। ଏସବୁ କୀଟନାଶକ ବଦଳରେ ଯଦି ଘରୋଇ ଉପାୟରେ କୀଟନାଶକ ପ୍ରସ୍ତୁତ କରି (ନିମ୍ବପତ୍ରର ରସ)କୁ ବ୍ୟବହାର କରାଯାଆନ୍ତା, ସୁଫଳ ମିଳିବାଟା ଥୟ। ସମୟ ଆସିଛି ଚାଷୀଙ୍କ କଥାକୁ ଗୁରୁତ୍ୱ ଦେବାର। ଚାଷକୁ ଭଲପାଇବାର ।। ନାକ ଟେକିବାନି ବରଂ ନିଜେ ଚାଷ ଓ ଚାଷୀର ଗହନ କଥାକୁ ଅନୁକରଣ କରିବା। କୃଷି ପାଠ୍ୟକ୍ରମକୁ ବି ସମ୍ମାନ ଦେବା। ଆମ ଚାଷୀ ଆମ ଦେଶର ବଳ। ଆମ ଶକ୍ତି ଆଉ ଚେତନାର ପରିମାପକ। ଆମ ସଂସ୍କୃତିର ମୂଳାଧାର। ସେ ଚାଷୀକୁଳକୁ ମୋର କୋଟି ନମନ ...

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା , ଭୁବନେଶ୍ୱର)

# ଆଧୁନିକ ପଦାର୍ଥ ବିଜ୍ଞାନର ଜନକ

॥ ଡକ୍ଟର ରାଜକିଶୋର ମିଶ୍ର ॥

ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କୁ ଆଧୁନିକ ପଦାର୍ଥ ବିଜ୍ଞାନର ଜନକ କୁହାଯାଇଥାଏ । ସେ ସୈଦ୍ଧାନ୍ତିକ ଭୌତିକ ବିଜ୍ଞାନ, ବିଶେଷତଃ ଆଲୋକ ବିଦ୍ୟୁତ୍ ବିକିରଣର ସନ୍ଧାନ ପାଇଁ ୧୯୨୧ ମସିହାରେ ନୋବେଲ ପୁରସ୍କାର ପାଇଥିଲେ । ପଦାର୍ଥ ବିଜ୍ଞାନ ଗବେଷଣା କ୍ଷେତ୍ରରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ଆଇନ୍‌ଷ୍ଟାଇନ୍ ମୁଖ୍ୟତଃ ଆପେକ୍ଷିକ ତତ୍ତ୍ୱ ଏବଂ ବସ୍ତୁତ୍ୱ ଶକ୍ତି ସମୀକରଣ 'ଇ=ଏମ୍‌ସି ସ୍କୋୟାର୍' ଥିଓରୀର ଉଦ୍ଭାବନ ପାଇଁ ଜଣାଶୁଣା । ଏହାବ୍ୟତୀତ ସାଧାରଣ ଆପେକ୍ଷିକ ତତ୍ତ୍ୱ, ବିଶେଷ ଆପେକ୍ଷିକ ତତ୍ତ୍ୱ, ବିଦ୍ୟୁତ୍ ଚୁମ୍ବକୀୟ ପ୍ରଭାବ, ବସ୍ତୁତ୍ୱ ଶକ୍ତି ସମୀକରଣ, ବ୍ରାଉନିଆନ୍ ଗତି ତତ୍ତ୍ୱ, ଆଇନ୍‌ଷ୍ଟାଇନ୍ ସମୀକରଣ, ବୋଷ ଆଇନଷ୍ଟାଇନ୍ ପରିସଂଖ୍ୟାନ, ୟୁନିଫାଏଡ୍ ଫିଲ୍ଡ ଥିଓରୀ, ଇପିଆର୍ ପାରାଡକ୍ସ ଆଦି ସିଦ୍ଧାନ୍ତର ଉଦ୍ଭାବନ କରିଥିଲେ । ଆଇନ୍‌ଷ୍ଟାଇନ୍ ୫୦ରୁ ଅଧିକ ବିଜ୍ଞାନ ଗବେଷରା ପତ୍ର ଓ ପୁସ୍ତକ ଲେଖିଯାଇଛନ୍ତି । ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ବିବେଚନା କରାଯାଇଥାଏ । ତାଙ୍କର ପ୍ରଖର ବୁଦ୍ଧିମତା ଅତୁଳନୀୟ । ୧୪ ମାର୍ଚ୍ଚ ୧୮୭୯ରେ ଜର୍ମାନୀର ବୁଟେମ୍‌ବର୍ଗର ଏକ ଇହୁଦୀ ପରିବାରରେ ଆଇନ୍‌ଷ୍ଟାଇନ୍ ଜନ୍ମ ଗ୍ରହଣ କରିଥିଲେ । ପିଲାବେଳେ ଠିକ୍ ଭାବେ କଥା କହିପାରୁନଥିବା ଆଇନ୍‌ଷ୍ଟାଇନ୍ ଜଣେ ମେଧାବୀ ଛାତ୍ର ଥିଲେ ।

ପିଲାଟି ଦିନରୁ ଆଇନଷ୍ଟାଇନ୍ ସର୍ବଦା ନିଃସଙ୍ଗତାକୁ ଭଲ ପାଉଥିଲେ। ଏବଂ ଅନେକ ସମୟ ସିଏ ବଡ଼ଲୋକଙ୍କ ପରି କିଛି ଚିନ୍ତା କରୁଥିବା ପରି ତାଙ୍କ ଆଚରଣ ବାହାରକୁ ପ୍ରଦର୍ଶିତ ହେଉଥିଲା। ତେବେ ଆଇନଷ୍ଟାଇନ୍‌ଙ୍କର ପିତା ଜଣେ ଇଞ୍ଜିନିୟର ଥିବାରୁ ସେ ଚାହୁଁଥିଲେ ତାଙ୍କ ପୁଅଟି ଜଣେ ଦକ୍ଷ ଇଞ୍ଜିନିୟର ହେଉ। ତେବେ ତାଙ୍କୁ ପନ୍ଦର ବର୍ଷ ବୟସ ହେବାପୂର୍ବରୁ ସେ ସକ୍ରେଟିସ୍, ଇଉକ୍ଲିଡ୍, ନିଉଟନ୍, ସିନୋଜା, ବିଥୋଭେନ୍, ହେନ୍ ମେ ଜାଟ୍ ପ୍ରଭୃତି ମହାମନୀଷୀଙ୍କର ରଚିତ ଗ୍ରନ୍ଥସବୁ ଅଧ୍ୟୟନ କରିଥିଲେ। ଏତେ ପଢୁଥିଲେ ମଧ୍ୟ ବେଳେ ବେଳେ ସେ ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିଲେ। ସେ ଥରକରେ ମାଟ୍ରିକ୍ୟୁଲେସନ ପାଶ୍ କରିପାରି ନଥିଲେ। କିନ୍ତୁ ତାଙ୍କର ମନୋବଳ କେବେ ବି ଭାଙ୍ଗିପଡୁ ନଥିଲା। ବହୁ ପୁସ୍ତକ ଅଧ୍ୟୟନକୁ ସେ ତାଙ୍କର ଜୀବନର ଲକ୍ଷ୍ୟ ବୋଲି ଧରିନେଇଥିଲେ। ପିଲାଦିନରୁ ପଦାର୍ଥ ବିଜ୍ଞାନ ଓ ଗଣିତ ଶାସ୍ତ୍ର ପ୍ରତି ବିଶ୍ୱର ଆଇନ୍‌ଷ୍ଟାଇନ୍‌ଙ୍କର ଦୁର୍ବଳତା ରହିଥିଲା ତେବେ ଜୀବିକାର୍ଜନ ପାଇଁ କୌଣସି ମତେ ଶିକ୍ଷକତା କରି ନିଜ ଦାୟିତ୍ୱ ତୁଲାଇବା ପାଇଁ ସେ ସ୍ଥିର କଲେ। ମାନ-ସମ୍ମାନ, ଖ୍ୟାତି-କ୍ଷମତା ଠାରୁ ଦୂରରେ ରହି ଏହି ନିରଳସ ନୀରବ ଗବେଷକ ଦୀର୍ଘ ଛବିଶ ବର୍ଷ ତାଙ୍କର ଗବେଷଣା ଚଳାଇ ୧୯୦୫ ଖ୍ରୀଷ୍ଟାବ୍ଦଠାରୁ ପଦାର୍ଥବିଜ୍ଞାନ ସମ୍ପର୍କରେ ତାଙ୍କର ସନ୍ଦର୍ଭମାନ ପ୍ରକାଶ କରିବାକୁ ଲାଗିଲେ। ତାଙ୍କର ବିଶେଷ ଆପେକ୍ଷିକ ତତ୍ତ୍ୱ ତାଙ୍କୁ ସମଗ୍ର ଜଗତ୍‌ରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ରୂପେ ପରିଚିତ କରାଇଲା। ବିଶ୍ୱବାସୀଙ୍କର ଶ୍ରଦ୍ଧାଞ୍ଜଳି ତାଙ୍କରି ପାଦତଳେ ଅଜାଡ଼ି ହୋଇପଡ଼ିଲା। ୧୯୦୯ରେ ଜୁରିଚ୍ ବିଶ୍ୱବିଦ୍ୟାଳୟର ପଦାର୍ଥବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକରୂପେ ସେ ଯୋଗଦାନ କଲେ। ୧୯୨୧ ଖ୍ରୀଷ୍ଟାବ୍ଦରେ ସେ ବ୍ରିଟିଶ ରୟାଲ୍ ସୋସାଇଟିର ସଭ୍ୟରୂପେ ନିର୍ବାଚିତ ହେଲେ ଓ ୧୯୨୨ ମସିହାରେ ନୋବେଲ ପୁରସ୍କାର ଲାଭ କଲେ। ଦେଶବିଦେଶରେ ଏହି ବିଶ୍ୱବରେଣ୍ୟ ବୈଜ୍ଞାନିକଙ୍କର ସାଧନା ଓ ପ୍ରତିଭାର ସମ୍ବାଦ ପ୍ରଚାରିତ ହେଲା। ୧୯୨୧ ମସିହାରେ ସେ ନୋବେଲ ପୁରସ୍କାର ମିଳିଥିବା ୧ଲକ୍ଷ ୯୨ ହଜାର ଟଙ୍କାକୁ ଦାନ କରି ଦେଇଥିଲେ। ସକ୍ରେଟିସ୍‌ଙ୍କ ପରି ତାଙ୍କର କିଛି ହେଲେ ଆବଶ୍ୟକ ନଥିଲା। ସତ୍ୟାନୁସନ୍ଧାନ ବ୍ୟତୀତ ଆମୋଦ ପ୍ରମୋଦ ବା ବିଳାସ୍ୟବେସନରେ ସମୟ କଟାଇବା କଥା ତାଙ୍କ ମନ ମଧ୍ୟରେ କେବେହେଲେ ସ୍ଥାନ ଲାଭ କରି ନଥିଲା। ୧୯୫୨ରେ ଇହୁଦୀରାଷ୍ଟ୍ର ଇସରାଏଲର ପ୍ରେସିଡେଣ୍ଟ ହେବା ନିମିତ୍ତ ତାଙ୍କୁ ଯେତେବେଳେ ନିମନ୍ତ୍ରଣ କରାଗଲା ସେ ତାହା ପ୍ରତ୍ୟାଖ୍ୟାନ କରିଥିଲେ। ଆଇନଷ୍ଟାଇନ୍‌ଙ୍କର ୧୯୦୫ ମସିହାରେ ପ୍ରଚାର କରିଥିବା ତଥ୍ୟ ବିଶ୍ୱକୁ ତ୍ରସ୍ତ ଚକିତ କରିଥିଲା। ଗୋଟିଏ ଗ୍ରାମ ଜଡ଼ବସ୍ତୁକୁ ଶକ୍ତିରେ ରୂପାନ୍ତରିତ କଲେ ସେହି ଶକ୍ତିରେ କଲିକତାରୁ ଦିଲ୍ଲୀ ଯାଉଥିବା ଗୋଟିଏ ରେଳଗାଡ଼ି କଲିକତାରୁ ଦିଲ୍ଲୀ ଛଅ ଥର ଯିବା ଆସିବା କରିପାରିବ। ତାଙ୍କର ଏହି ତଥ୍ୟ ଜଗତ୍‌କୁ କେବଳ ଚମତ୍କୃତ କରି ନାହିଁ, ମଣିଷର ଜୀବନଧାରାରେ ବିପୁଳ ପରିବର୍ତ୍ତନର ସୂତ୍ରପାତ କରିଛି। ଭାରତୀୟ କାଳଗଣନାର ଧାରାକୁ ପ୍ରକାରାନ୍ତରେ ସେ ମଧ୍ୟ ସ୍ୱୀକୃତି ପ୍ରଦାନ କରିଅଛନ୍ତି। ଗାନ୍ଧିଜୀଙ୍କର ଅହିଂସାବ୍ରତ, କର୍ମଯୋଗ, ସତ୍ୟାନୁରାଗ ଓ ମାନବଜାତିପ୍ରୀତି ତାଙ୍କୁ ତନ୍ମୟ କରିଥିଲା। ତାଙ୍କ ମତରେ ଭବିଷ୍ୟତ ବଂଶଧରମାନେ କେବେ ବିଶ୍ୱାସ କରିବେ ନାହିଁ ଯେ ଏପରି ଜଣେ ରକ୍ତମାଂସଧାରୀ ବ୍ୟକ୍ତି ପୃଥିବୀରେ ବିଚରଣ କରୁଥିଲା। ସମ୍ପଦ ଓ ସମ୍ମାନ ସାଧାରଣ ସଂସାରୀ - ଜୀବନରେ ବ୍ୟତିକ୍ରମ ସୃଷ୍ଟିକରେ, ମାତ୍ର ଜ୍ଞାନୀ ବ୍ୟକ୍ତିର ହୃଦୟକୁ ତାହା ଯେ କଳୁଷିତ କରିପାରେ ନା ଆଇନ୍‌ଷ୍ଟାଇନଙ୍କର ଜୀବନରେ ଏହା ପ୍ରମାଣିତ ହୋଇଥିଲା। ପୃଥିବୀର ଶାନ୍ତି ଓ ପ୍ରଗତି ପାଇଁ ତାଙ୍କର ଜୀବନର ପ୍ରତିଟି ମୁହୂର୍ତ୍ତକୁ ଦାନ କରି ୧୯୯୫ ମସିହା ଏପ୍ରିଲ ମାସ ୧୮ ତାରିଖରେ ସେ ଏହି ଧାମରୁ ଚିରବିଦାୟ ଗ୍ରହଣ କଲେ।

ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦

# ଭାବନାରେ ଭଗବାନ

॥ ଡ଼ ପ୍ରତିଭା ମହାରଥୀ ॥

ସେ ଯାଇ ଠାକୁରଘରେ ଦେଖିଲେ ରାଧାରାଣୀ ନୂଆ ଚୁଡ଼ି ପିନ୍ଧିଛନ୍ତି। ଭାବବିହ୍ୱଳ ହୋଇ ସେ କାନ୍ଦି ପକାଇଲେ। ତହୁଁ କାଚରା ଘରକୁ ଦୌଡ଼ିଯାଇ ପହଞ୍ଚିଲେ ଓ କହିଲେ - ଭାଇ! ତମେ ଭାଗ୍ୟବାନ। ରାଧାରାଣୀଙ୍କୁ ସ୍ପର୍ଶ କରି ଚୁଡ଼ି ପିନ୍ଧାଇଛ। ମତେ କ୍ଷମାକର। ମୁଁ ଅଧମ ବୃଥା ତୁମକୁ ଦୋଷ ଦେଉଥିଲି।

ରାମାୟଣରେ ମଧ୍ୟ ବର୍ଣ୍ଣିତ ଅଛି, ଯେତେବେଳେ ବୀର ହନୁମାନ ସୀତାଙ୍କୁ ଠାବ କରିବାକୁ ଯାଇ ଅଶୋକବାଟିକାରେ ପହଞ୍ଚିଥିଲେ, ସେଠାରେ ସେତେବେଳେ ଶ୍ୱେତରଙ୍ଗର ପୁଷ୍ପ ଫୁଟିଥିଲା, ମାତ୍ର ମହାନ୍ ସନ୍ଥ, ପରମ ରାମଭକ୍ତ ଏକନାଥ ଏକଦା ସୁନ୍ଦରାକାଣ୍ଡରେ ଏହି ବିଷୟ ବର୍ଣ୍ଣନା କଲାବେଳେ ସେଠାରେ ଉପସ୍ଥିତ ଥିଲେ ସ୍ୱୟଂ ହନୁମାନ। କାରଣ ଶ୍ରୀରାମ ନାମ ଓ ଶ୍ରୀରାମକଥା ଯେଉଁଠି, ବୀରହନୁମାନ ସେଇଠି। ତେଣୁ ନିଜେ ସ୍ୱୟଂ ପ୍ରକଟ ହୋଇ ଏକନାଥଙ୍କୁ ବିରୋଧ କରି, ସେତେବେଳେ ରକ୍ତବର୍ଣ୍ଣର ଫୁଲ ଫୁଟିଥିବାର ସେ ଦେଖିଛନ୍ତି ବୋଲି ଯୁକ୍ତି ବାଢ଼ିଲେ। ଏକନାଥ ମଧ୍ୟ ନିଜ କଥାରେ ଅଟଳ ରହିଲେ। ଶେଷକୁ ଦୁହିଁଙ୍କ ବିବାଦର ସମାଧାନ ସ୍ୱୟଂ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କୁ କରିବାକୁ ପଡ଼ିଥିଲା। ସେ କହିଲେ ଉଭୟେ ଉଭୟଙ୍କ ସ୍ଥାନରେ ଠିକ୍ ଅଛନ୍ତି। ଅର୍ଥାତ୍ ପ୍ରକୃତରେ ଶ୍ରୀହନୁମାନଙ୍କ ଗସ୍ତ ସମୟରେ ଶ୍ୱେତରଙ୍ଗର ହିଁ ପୁଷ୍ପ ଫୁଟିଥିଲା, ଯାହା ଏକନାଥ ବର୍ଣ୍ଣନା କରିଛନ୍ତି, ମାତ୍ର ବୀରହନୁମାନ ମାତା ସୀତାଙ୍କୁ ଅଶୋକବାଟିକାରେ ବନ୍ଦିନୀ ଅବସ୍ଥାରେ ଦେଖି ହଠାତ୍ କ୍ରୋଧାନ୍ୱିତ ହୋଇଯିବାରୁ ତାଙ୍କୁ ସେହି ପୁଷ୍ପ ରକ୍ତବର୍ଣ୍ଣ ପରି ପ୍ରତୀୟମାନ ହୋଇଥିଲା।

ଭାବଗ୍ରାହୀ ପ୍ରଭୁ ଭକ୍ତର ଅନ୍ତରକୁ ଦେଖିପାରନ୍ତି, ମନରେ ସୃଷ୍ଟି ହେଉଥିବା ପ୍ରତ୍ୟେକ ଚିନ୍ତାକୁ ଜାଣିପାରନ୍ତି। ଭକ୍ତ ପ୍ରତିଜ୍ଞା କରିଥିଲେ ପ୍ରଭୁଙ୍କୁ ସେ ଅସ୍ତ୍ର ଧାରଣ କରାଇବେ। ଭକ୍ତର ସେହି ପ୍ରତିଜ୍ଞା ପୂରଣ କରାଇ ନ ପାରିଲେ ସିଏ କି ପ୍ରଭୁ!! ତେଣୁ ନିଜର ପ୍ରତିଜ୍ଞା ଭାଙ୍ଗି ସେ ଅସ୍ତ୍ରଧାରଣ କରିଥିଲେ। ପୁଣି ସଖାର ସମ୍ମାନ ରକ୍ଷା ପାଇଁ ଆକ୍ରମଣରୁ ଓହରିଯାଇ ସେ ନିଜର ମୂଳ ପ୍ରତିଜ୍ଞା ପାଳନ କଲେ। ସେହି ପ୍ରଭୁଥିଲେ ଚକ୍ରଧାରୀ ଶ୍ରୀକୃଷ୍ଣ। ମହାଭାରତ ଯୁଦ୍ଧରେ ସଖା ଅର୍ଜୁନଙ୍କର ସାରଥୀ। ଆଉ ସେହି ପରମଭକ୍ତ ଯାହାଙ୍କ ପାଇଁ ଅସ୍ତ୍ରଧାରଣ କରିଥିଲେ, ସିଏ ଥିଲେ ପିତାମହ ଭୀଷ୍ମ, କେବେ କେଉଁ ଭକ୍ତର ମନକୁ ଊଣା କରିନଥିବା ସେହି ଭାବଗ୍ରାହୀ ଭଗବାନଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣାମ।

ମହାନ ସନ୍ଥ ନାମଦେବ ଆତ୍ମଜ୍ଞାନର ଅଧିକାରୀ, ସମଦର୍ଶୀ ଥିଲେ। ଥରେ ସେ ଜଙ୍ଗଲରେ ଗୋଟିଏ ଗଛମୂଳେ ଏକାକୀ ରୁଟି ତିଆରି କରୁଥିଲେ। ରୁଟି ପ୍ରସ୍ତୁତ କରି ଘିଅ ଲଗାଇ ଭୋଜନ କରିଥାନ୍ତେ। ଏହି ଅବସରରେ କେଉଁଠୁ ଗୋଟିଏ କୁକୁର ଆସି ଗୋଟିଏ ରୁଟି ମୁହଁରେ ଧରି ପଳାଇଗଲା। ନାମଦେବ ତାହା ଦେଖି ଘିଅ ଠେକି ହାତରେ ଧରି କୁକୁର ପଛେ ପଛେ ଧାଇଁଥାନ୍ତି ଏବଂ କହୁଥାନ୍ତି - ପ୍ରଭୁ ଆପଣ ଟିକେ ରହିଯା'ନ୍ତୁ। ମୁଁ ରୁଟିରେ ଘିଅ ମାରିଦିଏ, ତାପରେ ଆପଣ ଖାଇବେ। ମୁଁ ଘିଅଲଗା ରୁଟି ଖାଇବି, ଆପଣ ଖାଲି ରୁଟି ଖାଇବେ ଏ କଥା କେମିତି ହେବ। ମୋ ଉପରେ ଦୟାକରି ଆପଣ ଟିକେ ରହିଯା'ନ୍ତୁ ପ୍ରଭୁ। ନାମଦେବଙ୍କ କଥା ମାନି କୁକୁର ରହିଗଲା ଏବଂ ସେ ତା' ପାଟିରୁ ରୁଟି ଆଣି ଘିଅମାରି ଖୁଆଇଲେ। ହଠାତ୍ କୁକୁର ପରିବର୍ତ୍ତିତ ହୋଇଗଲେ ଚତୁର୍ଭୁଜ ନାରାୟଣ ରୂପରେ। ନାମଦେବ ତାଙ୍କ ପାଦତଳେ ଲୋଟିପଡ଼ି ଚରଣ ବନ୍ଦନା କଲେ ଏବଂ ନାରାୟଣ, ନାମଦେବଙ୍କୁ କୋଳାଗ୍ରତ କରି ଆଶୀର୍ବାଦ କଲେ। ଏହା ହେଉଛି ନାମଦେବଙ୍କର ଆତ୍ମାନୁଭବ ଏବଂ ସମଦର୍ଶିତା। ସକଳ ଘଟରେ ନାରାୟଣ (ମହାରାଷ୍ଟ୍ରରେ ବିଠଲ) ଅଛନ୍ତି ବୋଲି ସେ ଦୃଢ଼ ଭାବେ ବିଶ୍ୱାସ ଓ ଅନୁଭବ କରୁଥିଲେ।

ଭାବର ଠାକୁର ସେ, ଯୁଗେ ଯୁଗେ ଭାବରେ ବନ୍ଧା ହୋଇଥାଆନ୍ତି। ଶ୍ରଦ୍ଧାରେ ଯିଏ ଯାହା ଟେକିଦିଏ ପ୍ରଭୁ ସ୍ୱୀକାର କରନ୍ତି। ମାୟା, ମୋହ ଭରା ଏ ଦୁନିଆରେ କିଛି ବି ନିତ୍ୟ ନୁହେଁ, ସବୁ ଅଳୀକ, କ୍ଷଣିକ। କେବଳ ହରିନାମ ହିଁ ସତ୍ୟ। ସେଥିପାଇଁ କୁହାଯାଏ ହରି ଅନନ୍ତ ହରିକଥା ଅନନ୍ତ। ବିଷୟ ବାସନାରେ ବନ୍ଧା ହୋଇ ଏ ମଣିଷ ଆଜି ହରିଙ୍କଠୁ ଦୂରେଇ ଯାଉଛି। ଯେତେବେଳ ପର୍ଯ୍ୟନ୍ତ ଏ ମଣିଷ ମାୟାକୁ ସମ୍ମୁଖରେ ରଖିବ ସେତେବେଳ ଯାଏ ତା ଦେହର 'ଛାଇ' ତା ସମ୍ମୁଖରେ ହିଁ ରହିବ କିନ୍ତୁ ଯେତେବେଳେ ମଣିଷ ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ଠିଆହେବ, ସେତେବେଳେ ତାର ଛାଇ ତା ପଛପଟକୁ ହିଁ ଚାଲିଯିବ। ସୂର୍ଯ୍ୟ ହେଲେ ଆଲୋକ, ଆଲୋକ ହେଲା ସତ୍ୟ। ଆଉ ସତ୍ୟ ହିଁ ଈଶ୍ୱର। ଅର୍ଥାତ୍ ଯେତେବେଳେ ମନୁଷ୍ୟ ଈଶ୍ୱରଙ୍କୁ ସମ୍ମୁଖରେ ରଖିବ ସେତେବେଳେ ଛାୟାରୂପୀ ମାୟା (ଅସତ୍ୟ) ତାର ପଛପଟକୁ ପଳାୟନ କରିବ। ପ୍ରକୃତ ଭକ୍ତ ଯିଏ ସିଏ ଜଡ଼ଠୁ ଚେତନ ସବୁ ଭିତରେ ଭଗବାନଙ୍କୁ ଦର୍ଶନ କରିଥାଏ।

ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର
ମୋ - ୯୪୩୭୦୩୬୮୦୯




# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବାଲନ୍ଦାପଡା କେନ୍ଦୁଗୁଡା ଜଙ୍ଗଲରୁ ଏକଟନ ଆଠ କିଲୋ ଗଞ୍ଜେଇ ଜବତ

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲା ଫିରଙ୍ଗିଆ ବ୍ଲକ ଗୋଛାପଡା ପୋଲିସ ଲଗାତାର ଭାବରେ ବିଭିଭ ଜାଗାରେ ଚଢ଼ାଉ କରି ଟନଟନ ଗଞ୍ଜେଇ ଜବତ କରିବାରେ ସଫଳ ହେଉଥିବାବେଳେ ଗୋଛାପଡା ପୋଲିସ ପୁଣି ଥରେ ଥାନା ଅନ୍ତର୍ଗତ ବାଲନ୍ଦାପଡା ପଞ୍ଚାୟତ ଅଧୀନରେ ଥିବା କେନ୍ଦୁଗୁଡା ଗାଁ ନିକଟରେ ଥିବା ଜଙ୍ଗଲ ରେ ଚାଲାଣ ପାଇଁ ପ୍ରସ୍ତୁତି ଚଲାଇଥିବା ବେଳେ ଅତର୍କିତ ଚଢ଼ାଉ କରି ଗଛିତ ଥିବା ଏକ ଟନ ଆଠ କିଲୋ ଗଞ୍ଜେଇ କୁ ଜବତ କରିବାରେ ସଫଳ ହୋଇଥିବା ବେଳେ ଏଇଥର ମଧ୍ୟ ପୋଲିସ ଆସିବାର ଆଗୁଆ ସୂଚନା ପାଇ ମାଫିଆ ମାନେ ଫେରାର ହୋଇଯାଇଥିବା ପୋଲିସ ତରଫରୁ ସୂଚନା ମିଳିଛି । ତେବେ ପୋଲିସ ର ସୂଚନା ଅନୁସାରେ ଏହି କେନ୍ଦୁଗୁଡା ଜଙ୍ଗଲ ରେ କିଛି ଗଞ୍ଜେଇ ମାଫିଆ ଏକ ଝାଟିମାଟି କୁଡିଆ କରି ଚାଲାଣ ପାଇଁ ବିପୁଳ ପରିମାଣରେ ଗଞ୍ଜେଇ ଗଛିତ ରଖିଥିବା ଏକ ବିଶେଷ ସୂତ୍ରରୁ ଖବର ମିଳିଥିଲା । ଖବର ପାଇବା ମାତ୍ରେ ଗୋଛାପଡା ଥାନା ଅଧିକାରୀ ଚିରଞ୍ଜୀବ ବେହେରା ଙ୍କ ନେତୃତ୍ୱ ରେ ଏକ ଟିମ ଉକ୍ତ ଜଙ୍ଗଲ ରେ ଚଢ଼ାଉ କରିଥିଲେ । ତେବେ ପୋଲିସ ର ଆସିବା ଖବର ବିଷୟରେ ଆଗୁଆ ସୂଚନା ପାଇଁ ଘଟଣା ସ୍ଥଳରୁ ମାଫିଆ ମାନେ ଫେରର ହୋଇଯାଇଥିବା ବେଳେ ପୋଲିସ ଜଙ୍ଗଲ ରୁ ଏକ ଟନ ଆଠ କିଲୋ ଗଞ୍ଜେଇ କୁ ଜବତ କରିବାରେ ସଫଳ ହୋଇଥିଲା । ତେବେ ଜବତ ଗଞ୍ଜେଇ କୁ ମାଜିଷ୍ଟ୍ରେଟ ଦାୟିତ୍ୱ ରେ ଥିବା ଫୋରିଙ୍ଗିଆ ର ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆ ଙ୍କ ଉପସ୍ଥିତି ରେ ଓଜନ କରାଯାଇଥିଲା ଓ ପରେ ଏହି ଘଟଣାରେ ୬୩/୨୦୨୫ ରେ ଏକ ମାମଲା ରଜୁକରି ଜବତ ଗଞ୍ଜେଇ କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଚିରଞ୍ଜୀବ ବେହେରା ସୂଚନା ଦେଇଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତି ଥିବା ଗଞ୍ଜେଇ ମାଫିଆ ଏମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ଗୋଛାପଡା ଥାନା ଅଧିକାରୀ ।

## ସମସ୍ୟା ଘେରରେ ଲକ୍ଷ୍ମୀ ବସ



ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଜାମଦା ଏବଂ ବହଳଦା ବ୍ଲକ ର ଲକ୍ଷ୍ମୀ ବସ ସମସ୍ୟା ଘେରରେ ରହି ଅଛି ଜନସାଧାରଣଙ୍କ ଅଭିଯୋଗ ମୁତାବକ ଲକ୍ଷ୍ମୀ ବସ ରେ ଜାମଦାରୁ ବହଳଦା ଯାଉଥିବା ପେସେନଜର ବହଳଦା ପେଟ୍ରୋଲ ପମ୍ପ ରୁ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଚାଲି ଚାଲି ଯାଉଛନ୍ତି। ଯାହାଦ୍ୱାରା ବୃଦ୍ଧ ବୃଦ୍ଧା ଏବଂ ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେବା ସହିତ ବହଳଦା ବ୍ଲକ ରୁ ରାଇରଙ୍ଗପୁର ଦୁର୍ଗା ମଣ୍ଡପ ପର୍ଯ୍ୟନ୍ତ ଗାଡି ଯାଉ ନଥିବା ହେତୁ ଜନସାଧାରଣ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ଅନ୍ୟ ପକ୍ଷରେ ଜାମଦା ଲକ୍ଷ୍ମୀ ବସ ରହୁଥିବା ସ୍ଥାନରେ ଆଲୋକର ବ୍ୟବସ୍ଥା ନଥିବା ହେତୁ ତାହା ନିରାପଦ ନୁହେଁ ତେଣୁ ଏହି ସବୁ ସମସ୍ୟାର ସମାଧାନ ପାଇଁ ଜନସାଧାରଣ ଏବଂ ମେଘାଛନ୍ତ ସାହିତ୍ୟ ସଂସଦର ସଭାପତି ବିକାଶ ନାୟକ ଏବଂ ୟୁ.ଏସ.ଆଇ ସଂଗଠନର ରାଜ୍ୟ ସମ୍ପାଦକ ପ୍ରଶ୍ନ କୁମାର ଶତପଥୀ ଜିଲ୍ଲା ପ୍ରଶାସନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ନିକଟରେ ଦାବି କରିଛନ୍ତି।

## ସାହାରପଡା ବନବିଭାଗ ଦ୍ୱାରା ପିଆ ଶାଳକାଠ ଜବତ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ସାହାରପଡ଼ା ବନବିଭାଗ ପକ୍ଷରୁ ଗୋହିରା ଗ୍ରାମ ର ଏକ ପଥର ହୁଡ଼ି ରେ ଗଛିତ ପିଆଶାଳ ଗଛ ରୁ କାଠ ମାଫିଆ ମାନେ ଏକ ପିଆଶାଳ ଗଛ କାଟି ନେଉ ଥିବା ସାହାରପଡା ବନବିଭାଗ ଖବର ପାଇ କଟା ହେଉଥିବା ସ୍ଥାନ ରେ ପହଞ୍ଚିବା ପୂର୍ବ କାଠ ମାଫିଆ ସ୍ଥାନ ଛାଡ଼ି ଫେରାର ହୋଇ ଯାଇ ଥିଲେ। କାଠମାଫିଆ ଙ୍କ ଦ୍‌ରା କଟା ୧୧ଖଣ୍ଡ କାଠଗଣ୍ଡି କୁ ଜବତ କରିଛି । ଏହି ଚଢ଼ାଉ ରେ ସାହାରପଡ଼ା ବନପାଳ ଅଧିକାରୀ ଭୂପତି ସେଠୀ,ବନ କର୍ମଚାରୀ ଦୀପକ ରଣା, ପାରା କର୍ମଚାରୀ ସଦେବ ସେଠୀ, ବାପି ମାଟିଆ ପ୍ରମୁଖ ସାମିଲ ଥିଲେ।

## ଆନ୍ତର୍ଜାତୀୟ ଚକଲଗା ଚୌକି ଦିବସ ପାଳିତ




ଗଁଦିଆ, (ମହାଭାରତ): ଢେଙ୍କାନାଳ ସଦର ଉପଖଣ୍ଡ ଗୋବିନ୍ଦପୁର ସ୍ଥିତ ଜୀବନ ଜ୍ୟୋତି ବୌଦ୍ଧିକ ଓ ଶାରୀରିକ ଦିବ୍ୟାଙ୍ଗ ସଂସ୍ଥାନ ପରିସରରେ ଆନ୍ତର୍ଯ୍ୟାତୀୟ ଚକା ଲଗା ଚୌକି ଦିବସ ପାଳିତ ହୋଇଯାଇଛ।ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ମୁଖ୍ୟଆତିଥି ପ୍ରଦୀପପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ତ୍ୱରାନ୍ୱିତ କରିଥିଲେ । ଅନ୍ୟତମ ଅତିଥି ରୂପେ ଐରା ଅନୁଷ୍ଠାନର ପ୍ରତିନିଧି ପ୍ରଦ୍ୟୁମ୍ନ କୁମାର ପଣ୍ଡା, ପ୍ରିୟ ଅନୁଷ୍ଠାନର ନିର୍ଦ୍ଦେଶକ ଟଙ୍କଧର ବାରିକ, ଜୀବନ ଜ୍ୟୋତି ଅନୁଷ୍ଠାନର ଅଧକ୍ଷ ଆରତୀ ପ୍ରଭା ସେନାପତି ସଦର ସାମାଜିକ ସୁରକ୍ଷା ଅଧିକାରୀ ଆକାଂକ୍ଷା ମାନସିଂହ ରୂପେ ଯୋଗଦାନ ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରଚଳିକ ସମସ୍ତ ସୁବିଧାକୁ ସୁଚାରୁ ରୂପେ ବୁଝେଇଥିଲେ । ଜୀବନ ଜ୍ୟୋତି ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମହାପାତ୍ର ପ୍ରଥମେ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲା ଭିଉକ୍ଷମ ପୂର୍ଣ୍ଣବାସ କେନ୍ଦ୍ର,ଢେଙ୍କାନାଳର କର୍ମକର୍ତ୍ତା, ପ୍ରିୟ ଅନୁଷ୍ଠାନ ର କର୍ମକତ୍ର । ଜୀବନ ଜ୍ୟୋତି ଅନୁଷ୍ଠାନ ର ସମସ୍ତେ ସହଯୋଗୀ ସଦସ୍ୟ ଭିନକ୍ଷମ ଭାଇ ଭଉଣୀ ମାନଙ୍କ ଅଭିବାକ ମାନେ ଯୋଗଦାନ କରିଥିଲେ । ପ୍ରଥମ ଭିଉକ୍ଷମ ଭାଇ ଭଉଣୀ ମାନଙ୍କ ଦ୍ୱାରା ଚକ ଲଗାଚୌକି ମାରାଥାନ, ଫ୍ୟାନୀଷୀ ଡ୍ରେସ, ପ୍ରତିଯୋଗିତା,ଗୀତ ପ୍ରତିଯୋଗିତା ଆଦି ଆୟୋଜନ କରାଯାଇଥଲା। ଶେଷରେ ଅତିଥି ମାନଙ୍କ ଦ୍ୱାରା ୧୧୬ ଜଣ ଭାଇ ଭଉଣୀ ମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା।

## ହିନ୍ଦୋଳ ଉପଖଣ୍ଡରେ ସଡକ ସୁରକ୍ଷା ଅଭିଯାନ ଚକୋଲେଟ୍ ଦେଇ ସଚେତନତା

ହିନ୍ଦୋଳ(ମହାଭାରତ): ହିନ୍ଦୋଳ ପୋଲିସ୍ କର୍ମଚାରୀ ଓ ଡ୍ରାଇଭର ମହାସଂଘ ମିଳିତ ଭାବେ ହିନ୍ଦୋଳ ଉପଖଣ୍ଡରେ ସଡକ ସୁରକ୍ଷା ଅଭିଯାନ ସଚେତନତା କାର୍ଯକ୍ରମ କରାଯାଇଥିଲା। ସଡ଼କ ସୁରକ୍ଷା ଜୀବନ ରକ୍ଷାୟଦୃତ ଗତି ମହା ବିପତ୍ତି ନାରା ଦେଇ ହିନ୍ଦୋଳ ଥାନା ପରିସରରୁ ଆରମ୍ଭ ହୋଇ ବସଷ୍ଟାଣ୍ଡ,ମେଡିକାଲ ଛକ ଦେଇ ପରେ ହିନ୍ଦୋଳ ଥାନାରେ ପହଞ୍ଚିଥିଲେ।ମୋଟର ସାଇକେଲ ଚଲେଇବା ସମୟରେ ସର୍ବଦା ହେଲ୍ମେଟ୍ ବ୍ୟବହାର କରିବା।ଗାଡି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବା,ନିଶା ଦ୍ରବ୍ୟ ସେବନ କରି ଗାଡି ନ ଚଳାଇବା ଏବଂ ୧୮ ବର୍ଷରୁ କମ୍ ପିଲାଙ୍କୁ ଗାଡି ଚଳାଇବାକୁ ନଦେବା ଏବଂ ସର୍ବଦା ଟ୍ରାଫିକ ନିୟମ ମାନି ଗାଡି ଚଳାଇବା ସହିତ ନିଜକୁ ଓ ନିଜ ପରିବାର କୁ ସୁରକ୍ଷିତ ରଖିବା ପାଇଁ ଜନସାଧାରଣ ମାନଙ୍କୁ ସଚେତନ କରାଯାଇଥିଲା।ଏହି ପଦଯାତ୍ରା ସମୟରେ ରାସ୍ତାରେ ବିନା ହେଲମେ□ ରେ ଗାଡ଼ି ଚଳାଉଥିବା ଲୋକଙ୍କୁ ଥାନା କର୍ମଚାରୀ ମାନେ ଚକ୍ଲେଟ ଦେଇ ଅଭିନବ ପ୍ରୟାସ ମାଧ୍ୟମରେ ସଚେତନ କରାଇଥିଲେ।ହିନ୍ଦୋଳ ଥାନା କର୍ମଚାରୀ ମାନଙ୍କ ଏଭଳି ପ୍ରୟାସ ଆଗାମୀ ଦିନରେ ଲୋକମାନଙ୍କୁ ସହାୟକ ହେବ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ଜୋର୍ ଧରିଛି।

## ଗଣମାଧ୍ୟମର ଦାୟିତ୍ୱ ଓ ଉତ୍ତର ଦାୟିତ୍ୱ ସର୍ବୋପର

ଜୁନାଗଡ଼,(ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ବିଜୁପଟ୍ଟନାୟକ ଷ୍ଟାଡିଅମ ଠାରେ ଦୈନିକ ଖବରକାଗଜ ଦର୍ଶନ ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଧର୍ମଗଡ ବିଧାୟକ ଶ୍ରୀଯୁକ୍ତ ସୁଧିର କୁମାର ପଟ୍ଟଯୋଶୀ, ସମ୍ମାନୀତ ଅତିଥି ନର୍ଲା ବିଧାୟକ ଶ୍ରୀମତୀ ମନୋରମା ମହାନ୍ତି, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଶ୍ରୀମାନ ବିନ୍ଦୁ ମହାନନ୍ଦ,ଭବସିନ୍ଧୁ ମଙ୍ଗରାଜ ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ, ଦର୍ଶନ ଖବରକାଗଜ ସଂପାଦକ ବିଭୁତି ଭୁଷଣ ନାଏକ,ସହ ସମ୍ପାଦକ ପ୍ରଶସ୍ମିତା ମହାନ୍ତି,ପରମେଶ୍ୱର ମୁଣ୍ଡ ଅଧାପକ ସରକାରୀ ମହାବିଦ୍ୟାଳୟ ଭବାନୀପାଟଣା,ହାତିରାମ ଦୁର୍ଗା ଧର୍ମଗଡ଼ ବ୍ଲକ ସରପ□ ସଙ୍ଗ ସଭାପତି , ବରିଷ୍ଠ ଆଇନଜୀବି ଦୁର୍ଗାପ୍ରସାଦ ନାଏକ, ଉଦ୍ୟୋଗପତି ସନ୍ତୋଷ କୁମାର ସାହୁ ଯୋଗଦେଇ ମଞ୍ଚାସୀନ ଥିଲେ । ମଞ୍ଚାସିନ ସମସ୍ତ ଅତିଥି ଦର୍ଶନ ଖବରକାଗଜ ଉପରେ ସଂକ୍ଷିପ୍ତ ଭାବରେ ଉଦବୋଧନ ଦେଇଥିଲେ । ଏଥିରେ କଳାହାଣ୍ଡି ଜିଲ୍ଲାର ବିଭିଭ ବର୍ଗ , ସମାଜ ସେବୀ ଓ ସାମ୍ବାଦିକ ମାନଙ୍କୁ ମାନପତ୍ର ଦେଇ ସମ୍ମାନୀତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚି□ରଞ୍ଜନ ଦଳପତି ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦୈନିକ ଖବରକାଗଜ ଦର୍ଶନର ଜିଲ୍ଲା ପ୍ରତିନିଧି ଅନନ୍ତ କୁମାର ପାଳ ଓ ଜୁନାଗଡ଼ ବ୍ଲକ ପ୍ରତିନିଧି ହିମାଂଶୁ ଶେଖର ବରାଡ଼ ନେତୃତ୍ୱ ନେଇଥିବା ବେଳେ ସମସ୍ତ ବ୍ଲକ ପ୍ରତିନିଧି ଉପସ୍ଥିତ ରହି ସହଯୋଗ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ଦୁଇ ଗୁରୁତର

କୋକସରା,(ମହାଭାରତ) :କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଠାରୁ ଆମପାଣି କୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସୱେ କୋକସରା ବ୍ଲକ ଘଣ୍ଟିଗୁଡା କୁଲେରଗୁଡା ନିକଟରେ ରବିବାର ଏକ ସଡ଼କ ଦୁର୍ଘଟଣା ଘଟିଛ। ଏଥିରେ ଆମପାଣି ଥାନା ଅଧିନ ଧୋବେନଚ□ରା ଗ୍ରାମର ଗୋମତୀ ଦୁର୍ଗା(୩୫) ମୃତ୍ୟୁ ବରଣ କରିଥିବା ବେଳେ ସ୍ୱାମୀ ଶଶିଧର ଦୁର୍ଗା(୪୦) ଓ ପୁଅ କରନ ଦୁର୍ଗା(୮) ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଆଜି ଶଶିଧର ତାଙ୍କ ସ୍ତ୍ରୀ ଗୋମତୀ ଓ ପୁଅ କରନ ଏକ ବାଇକ୍ ଯୋଗେ ଝାକରପଡ଼ା ସ୍ଥିତ ଖଏଁସପଡା ସମ୍ପର୍କୀୟଙ୍କ ବିବାହ କାର୍ଯ୍ୟରେ ଯୋଗଦେବାକୁ ଯାଉଥିଲେ। ଏହି ସମୟରେ ବିଜୁ ଏକ୍ସପ୍ରେସୱେର ଘଣ୍ଟିଗୁଡା-କୁଲେରଗୁଡା ରାସ୍ତାରେ ତାଙ୍କ ବାଇକ୍ କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଥିଲା। ଘଟଣା ସ୍ଥଳରେ ଶଶିଧରଙ୍କ ସ୍ତ୍ରୀ ଗୋମତୀ ମୃତ୍ୟୁ ବରଣ କରିଥିବା ବେଳେ ପୁଅ କରନ ଓ ଶଶିଧର ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେୟ ପ୍ରାଥମିକ ଚିକିତ୍ସା ପାରେ ଉଭୟ ବାପପୁଅ ଗୁରୁତର ଆହତ ହୋଇଥିବାରୁ ସେମାନଙ୍କୁ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡିଛି। ଅନ୍ୟପଟେ ଆମପାଣି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ମୃତ ମହିଳାଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ଅଶୋକା ସିନେମା ହଲ ଠାରେ ବଜେଟ କୁ ନେଇ ଆଲୋଚନା ଚକ୍ର

ଆସିକା (ମହାଭାରତ): ଆସିକା ଅଶୋକା ସିନେମା ହଲ ଠାରେ ବଜେଟ କୁ ବିଜେପିର ନେଇ କେନ୍ଦ୍ର ଓ ରାଜ୍ୟ ବଜେଟ କୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ଓଡିଶା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ,ଯୁବନେତା ସଂଗୀତ ପାଢ଼ୀ, ସଂଦୀପ ପାଢ଼ୀ,ଆସିକା ସାଂସଦ ଅନିତା ସୁଭଦର୍ଶନୀ,ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ, କବିସୂର୍ଯ୍ୟନଗର, ଭଞ୍ଜନଗର ବିଧାୟକ ଉପସ୍ଥିତ ରହିଥିଲେ।କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମଣ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଏକ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନା କରିଛନ୍ତି ।

## ଆସିକାରେ ରାମକୃଷ୍ଣ ଜନ୍ମ ଜୟନ୍ତୀ ଆଡମ୍ବର ସହିତ ପାଳିତ

ଆସିକା (ମହାଭାରତ): ପରମପୁଜ୍ୟ ପ୍ରଭୁ ଶ୍ରୀ ରାମକୃଷ୍ଣ ପରମହଂସ ଙ୍କ ଜନ୍ମ ଜୟନ୍ତୀ ମହା ଆଡମ୍ବର ସହିତ ପାଳିତ ହୋଇଯାଇଛି। ଆସିକା ଗାୟତ୍ରୀ ନଗର ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ଠାରେ ରାମକୃଷ୍ଣ ପରମହଂସଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟରେ ହୋମ ଯଜ୍ଞ ଅଉ ଯଜ୍ଞ ଅନୁଷ୍ଠିତ ହୋଇଥିଲା ଏଥିରେ ସମସ୍ତ ଛାତ୍ର ଛାତ୍ରୀ ଅଭିଭାବକଓ ଅଞ୍ଚଳ ବାସୀ ହୋମ ଯଜ୍ଞରେ ସାମିଲ ହୋଇ ବିଭୁ କୃପା ଲାଭ କରିବା ସହ ଅନ୍ନ ପ୍ରସାଦ ସେବନ କରିଥିଲେ।ପ୍ରଥମେ ପ୍ରାତଃ ସମୟରେ ପବିତ୍ର ପୂନ୍ୟତୋୟା ଋଷିକୂଲ୍ୟା ନଦୀରୁ କଳସ ଯାତ୍ରାରେ ସୂର୍ଯ୍ୟ ପୂଜା କରି ଜଳ କଳସୀ ବିଦ୍ୟାଳୟ ଗୁରୁମା ମାନଙ୍କ ଦ୍ୱାରା ଅଣାଯାଇଥିଲା ପରେ ସୂର୍ଯ୍ୟପୂଜା ବ୍ରହ୍ମା ବରଣ ପରେ ହୋମ ଅନୁଷ୍ଠିତ ହୋଇଥିଲା। ଏହି ପବିତ୍ର ଅବସରରେ ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ, ସମ୍ପାଦକ କମଳେନ୍ଦୁ ହୋତା, ସହ-ସମ୍ପାଦକ ଦିଲ୍ଲୀପ କୁମାର ଶତପଥୀ,କାଦମ୍ବିନୀ ହୋତା, ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମି ସାହୁ, ସଙ୍ଗୀତା ପାତ୍ର, ସୁନୀତା କୁମାରୀ ମହାପାତ୍ର,କେ ମାଧବି ଆଚାରୀ,ସନ୍ତୋଷି କୁମାରୀ ସାହୁ, ବାଳକୃଷ୍ଣ ସାହୁ, ଲିନା କୁମାରୀ ସ୍ୱାଇଁ,ସାଗର କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଭିନ୍ନକ୍ଷମ ଚିହ୍ନଟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ଗଁଦିଆ,(ମହାଭାରତ) : ଢେଙ୍କାନାଳ ସଦର ବ୍ଲକ ତାଳବରକୋଟଠାରେ ଥିବା ଏକାଡେମୀ ଅଫ୍ ମେଡିକାଲ ସାଇନ୍ସ ପରିସରରେ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ତରଫରୁ ଶୁକ୍ରବାର ଭିଉକ୍ଷମ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭିଉକ୍ଷମ ମାନଙ୍କୁ ଚିହ୍ନଟ ପ୍ରକ୍ରିୟା ଏବଂ ନବଜାତ ଶିଶୁମାନଙ୍କର ଭିନ୍ନକ୍ଷମତାକୁ ଚିହ୍ନଟ କରିବା କର୍ମଶାଳାର ମୁଖ୍ୟ ଉଦେଶ୍ୟ । ଏଥିସହିତ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରରେ ଥିବା ବିଭିଉ ସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମେଡିକାଲ ସାଇନ୍ସ କଲେଜର ଅଧକ୍ଷ ଡ. ଆର.କେ ତରାଇ ଓ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଟେକନିକାଲ କର୍ମଚାରୀ ସୁଚିସ୍ମିତା ସେନ, ଅଡିଓଲୋଜିଷ୍ଟ ବିଶ୍ୱନାଥ ଜେନା, ସାଗରିକା ପ୍ରଧାନ, ମମିତା ଦାଶ, ସତ୍ୟବ୍ରତ ନାୟକ ଓ ପଙ୍କଜିନି ବେହେରା ପ୍ରମୁଖ ଉପସ୍ଥିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ରଖିଥିଲେ ।

## ଜେ ଆଇ ପି ଏଲ ଡେରଙ୍ଗ ପକ୍ଷରୁ ରାଜ୍ୟସ୍ତରୀୟ ମକ୍ ଏକ୍ସରସାଇଜ




କଣିହାଁ ,(ମହାଭାରତ); ଓଡିଶା ରାଜ୍ୟ ଜାତିୟ ବିପର୍ଯ୍ୟାୟ ପରିଚାଳନା ପ୍ରାଧିକରଣ (ଓଏସଡି ଏମଏ) ଏବଂ ଏନଡିଏମ୍ଏ ଭାରତ ସରକାରଙ୍କ ସହଯୋଗରେ ଜେଆଇପିଏଲ ଡେରଙ୍ଗ କଣିହାଁ ତରଫରୁ ମକ୍ ଏକ୍ସରସାଇଜ ଏବଂ ରାସାୟନିକ ବିପର୍ଯ୍ୟୟ ଉପରେ ଏକ ରାଜ୍ୟସ୍ତରୀୟ ପ୍ରୟୋଗାତ୍ମକ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିଉ ରାଜ୍ୟ ପ୍ରଶାସନର ପ୍ରତିନିଧିମାନେ ଉପସ୍ଥିତ ରହି ଥିଲେ। ଆଡିସନାଲ୍ ତହସିଲଦାର ଶାଶ୍ୱତ ସୋଭନ୍ ମହାପାତ୍ର (ତାଳଚେର), ଅସିଷ୍ଟା□ ଡାଇରେକ୍ଟର ଫ୍ୟାକ୍ଟ୍ରି ଏଣ୍ଡ ବଏଲର ମାଧବ ଚନ୍ଦ୍ର ମଲ୍ଲିକ (ଅନୁଗୋଳ), ଏଇଏସ୍ - ଓଏସପିସିବି ସୌମ୍ୟା ରଞ୍ଜନ କୁଅଁର(ଅନୁଗୋଳ),ଡେପୁଟି ଫାୟାର ଅଫିସର୍ ଶରତ ଚନ୍ଦ୍ର ମଲ୍ଲିକ (ଅନୁଗୋଳ), ମେଡିକାଲ ଅଫିସର ଡକ୍ଟର ଜିତେନ୍ଦ୍ର କୁମାର ଦେହୁରୀ (ଗୋଡ଼ିବନ୍ଧ),ଙ୍କ ଉପସ୍ଥିତିରେ ମକ ଏକସର୍ ସାଇଜ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା।ଏହା ପରେ ପ୍ରସ୍ତୁତି ଏବଂ ସମନ୍ୟର ମୂଲ୍ୟାଙ୍କନ ପାଇଁ ଜେଆଇପିଏଲ ଡେରଙ୍ଗ ଏବଂ ଅନୁଗୋଳ ପାଇଁ ବିପର୍ଯ୍ୟୟ ପରିଚାଳନା ଯୋଜନା (ଡିଏମପିଏସ) ର ବିସ୍ତୃତ ସମିକ୍ଷା କରାଯାଇଥିଲା ।ବାସ୍ତବ ସମୟରେ ପ୍ରକ୍ରିୟା ଯନ୍ତ୍ର କୌଶଳକୁ ଅନୁକରଣ କରିବାପାଇଁ ଦୃଶ୍ୟ ଆଧାରିତ ଆଲେଚନା କରାଯାଇଥିଲାୟ ବିଦ୍ୟମାନ ପ୍ରକ୍ରିୟା ପ୍ରଣାଳୀର ପ୍ରଭାବକୁ ମୂଲ୍ୟାଙ୍କନ କରିବା ଏବଂ ଉନ୍ନତି ଦିଗରେ ଗଠନ ମୂଳକ ଆଲଚନା ପାଇଁ ଏକ ସୁଜୋଗ ପ୍ରଦାନ କରିବା ଅଭିପ୍ରାୟ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାୟ ରାଜ୍ୟର ପ୍ରସ୍ତୁତି ଏବଂ ପ୍ରକ୍ରିୟା ପ୍ରଣାଳୀ ଆକଳନ, ସଫଳ ପ୍ରତିରୋଧ କରିବା ଲକ୍ଷ ନେଇ କାର୍ଯ୍ୟ କ୍ରମ ଆରମ୍ଭ କରିଥିବା ବେଳେ ଜେଆଇପିଏଲ ପ୍ଲାଣ୍ଟ ହେଡ ସନ୍ଦୀପ ଗୋସ୍ୱାମୀ, ଫ୍ୟାକ୍ଟ୍ରି ମ୍ୟାନେଜର ସୁନିଲ ଦେଭାଡି, ଆଡିସନାଲ ଭାଇସ ପ୍ରେସିଡେ□- ଇଏଚ୍ଏସ ଡକ୍ଟର କିଶୋର କୁମାର ରାଉତ ଙ୍କ ତତ୍ତ୍ୱାବଧାନରେ ମକ୍ ଏକ୍ସରସାଇଜ ପାରିଚାଳନା କରିଥିବା ବେଳେ ଜେଆଇପିଏଲ ର ଅନେକ ପଦାଧିକାରୀ ଉପସ୍ଥିତ ଥିଲେ।

## ଦୁଆରସନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଅଲଣ୍ଡା ଚାମ୍ପିଅନ

ଗୋଲାମୁଣ୍ଡା,(ମହାଭାରତ)କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ଆଖୁଡେଡ଼ ପଡ଼ିଆ ଠାରେ ମାଁ ଦୁଆରସନୀ କ୍ରିକେଟ ଟୁର୍ଣ୍ଣାମେ□ର ଫାଇନାଲ ଉଦଯାପିତ ହୋଇଛି । ଏହି ଉଜ୍ଜାପନି ଦିବସରେ କେଗାଁ ଓ ଅଲଣ୍ଡା ମଧ୍ୟରେ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଶ୍ରୀ ବିନ୍ଦୁ ମହାନନ୍ଦ ଓ ସମ୍ମାନିତ ଅତିଥି ଭାବରେ ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ସାହୁ, ଜେନାରାମ ପୁଟେଲ, ଜୟନ୍ତ ସିଂ, ମିନିକେତନ ପୁଟେଲ, ରମେଶ ବନ୍ଦୀଛୋଡ, ଶ୍ୟାମ ସୁନ୍ଦର ଛତ୍ରିଆ, କ୍ଷୀରୋଦ ବଛା, ଦୁଷ୍ମନ୍ତ ଭୋଇ ଯୋଗଦେଇ ଉଭୟ ଦଳର ଖେଳାଳୀ ମାନଙ୍କ ସହ ସାକ୍ଷାତ କରି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଖେଳରେ ଅଲଣ୍ଡା ଦଳ ପ୍ରଥମେ ବେଟିଙ୍ଗ କରି ୧୨ ଅଭରରେ ୧୩୮ ରନ ସଂଗ୍ରହ କରିଥିବା ବେଳେ କେଗାଁ ଦଳ ୧୨ ଅଭରରେ ୭ ୱାଇକେଟ ହରାଇ ୭୮ ରନ ସଂଗ୍ରହ କରି ପରାଜୟ ହୋଇଥିଲା । ଶେଷରେ ମୁଖ୍ୟ ଅତିଥି ବ୍ଲକ ଅଧକ୍ଷ ଶ୍ରୀ ମହାନନ୍ଦ ବିଜୟୀ ଦଳ ଅଲଣ୍ଡା ଓ ପରାଜୟ ଦଳ କେଗାଁକୁ ଟ୍ରଫି ପ୍ରଦାନ କରି ଉଭୟ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିକାର ଖେଳରେ ଅମ୍ପିଆର ଶ୍ରୀଯୁକ୍ତ ଲିଲୁ ଅଗ୍ରୱାଲ ଓ ଶ୍ରୀଯୁକ୍ତ ବାସବ ଭୋଇ ଖେଳ ପରିଚାଳନା କରିଥିଲେ । ସ୍କୋରର ଭାବରେ ଧିରେନ ପୁଟେଲ ଦାଇତ୍ୱ ତୁଲାଇ ଥିଲେ ଓ ଖେଳର ଧାରା ବିବରଣୀ ମନୋଜ ଚନ୍ଦନ ଓ ବିଷିକେଶନ ଜ୍ୟୋତିଷ ଶୁଣାଇ ଥିଲେ । ମାଁ ଦୁଆରସନି କ୍ରିକେଟ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସିନାପାଲି ଯୋଗାଣ ବିଭାଗରେ ଦୁର୍ନୀତି ର ଗନ୍ଧ

# ମାଣ୍ଡିଆ ବଣ୍ଟନରେ ଅନିୟମିତତା ଅଭିଯୋଗ

ଖଡ଼ିଆଲ:(ମହାଭାରତ) ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ବିଭିଉ ଗ୍ରାମ ପଞ୍ଚାୟତରେ ମାଣ୍ଡିଆ ବ□ନରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଏନେଇ ଯୋଗାଣ ବିଭାଗ ରେ ହୋଇଥିବା ଦୁର୍ନୀତିର ଗନ୍ଧ ବାରି ହୋଇ ପଡୁଛି। ସରକାର ଗରିବ ରାସନ କାର୍ଡଧାରୀ ହିତାଧିକାରୀ ଙ୍କ ପାଇଁ ଚାଉଳ ସହିତ ମାଣ୍ଡିଆ ପ୍ରଦାନ ର ବ୍ୟବସ୍ଥା ରହିଛି। ଏନେଇ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରକୃତ ରାସନକାର୍ଡ ହିତାଧିକାରୀ ଙ୍କୁ ସ୍ଥାନୀୟ ପଞ୍ଚାୟତ ତରଫରୁ ପିଡିଏସ ଖାଉଟି ସାମଗ୍ରୀରେ ମାଣ୍ଡିଆ ପ୍ରଦାନ କରୁଛନ୍ତି। ହେଲେ କିଛି ବିଭାଗୀୟ ଅସାଧୁ ଅଧିକାରୀ ଓ କର୍ମଚାରୀ ଙ୍କ ବେପରୁଆ ମନୋଭାବ ଯୋଗୁଁ ରାସନକାର୍ଡ ହିତାଧିକାରୀ ପିଡିଏସ ଖାଉଟି ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ମାସମାସ ଧରି ସାମଗ୍ରୀ ପାଇପାରୁ ନାହାନ୍ତି। ପିଡିଏସ ଖାଉଟି ସାମଗ୍ରୀ ବ□ନ ରେ ଅନିୟମିତତା ହେଉଥିବା ନେଇ ରାସନକାର୍ଡ ହିତାଧିକାରୀ ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛିୟ ସିନାପାଲି ବ୍ଲକ ଅନ୍ତର୍ଗତ ନିଲଜି, ଟିମନପୁର, ଭରୁଆମୁଣ୍ଡା, ନୂଆପଡ଼ା ପ୍ରଭୃତି ପଞ୍ଚାୟତ ରେ ମାଣ୍ଡିଆ ବଣ୍ଟନ ହୋଇନଥିବା ଅଭିଯୋଗ ହେଉଛି। ପ୍ରକାଶ ଯୋଗ୍ୟ ଯେ ଏହି ପଞ୍ଚାୟତ ଗୁଡିକ ରେ ଗତ ଜାନୁଆରୀ ମାସର ମାଣ୍ଡିଆ ବଣ୍ଟନ ହୋଇନଥିବା ବେଳେ ଫେବୃଆରୀ ମାସ ସରିଲାଣି । ହେଲେ ଏପର୍ଯ୍ୟନ୍ତ ଜାନୁଆରୀ, ଫେବୃଆରୀ ମାସ ର ମାଣ୍ଡିଆ ବଣ୍ଟନ ହୋଇନାହିଁ। ଯାହା ଫଳ ରେ ଅଞ୍ଚଳ ର ରାସନକାର୍ଡ ହିତାଧିକାରୀ ଙ୍କ ମନରେ ମାଣ୍ଡିଆ ଅନିୟମିତତା କରି ହରିଲୁଟ କରିବାର ଏକ ଯୋଜନା ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହା ଏକ ଦୁର୍ନୀତିର ଗନ୍ଧ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। କିଛି ପଞ୍ଚାୟତରେ ପୂର୍ବରୁ ଫିଙ୍ଗର ପ୍ରିଣ୍ଟ ନିଆ ସରିଛି। ହେଲେ ଏଯାଏ ମାଣ୍ଡିଆ ଦିଆଯାଇ ନଥିବାରୁ ବିଭିଉ ମହଲରେ ପ୍ରଶ୍ନବାଚି ସୃଷ୍ଟି କରିଛି।ପୁଣି କିଛି ପଞ୍ଚାୟତ ରେ କାଗଜ କଲମରେ ମାଣ୍ଡିଆ ଥିବା ବେଳେ ପ୍ରକୃତରେ ମାଣ୍ଡିଆ ନଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। କିଛି ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କୁ ମାଣ୍ଡିଆ ନଦେଇ ପଂଚାୟତ ଅଫିସରେ ସଢ଼ି ଯାଉଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ସିନାପାଲି ବ୍ଲକରେ ମାଣ୍ଡିଆ ବ□ନ ରେ ଦୁର୍ନୀତିର ଗନ୍ଧ ବୋଲି ଆଲୋଚନା ହେଉଛି। ରାସନକାର୍ଡ ହିତାଧିକାରୀ ମାନେ ଜାନୁଆରୀ ମାସର ଚାଉଳ ନେଇ ସାରିଥିବା ବେଳେ ଫେବୃଆରୀ ମାସର ଚାଉଳ ନେଉଛନ୍ତି। ହେଲେ ମାଣ୍ଡିଆ ଦିଆଯାଇ ନାହିଁ। ଏନେଇ କିଛି ପଞ୍ଚାୟତ ଯୋଗାଣ ସହାୟକ ଙ୍କୁ ପଚାରିବାରୁ ମାଣ୍ଡିଆ ଅଛି ହିତାଧିକାରୀ ଙ୍କ ଫିଙ୍ଗର ପ୍ରିଣ୍ଟ ନିଆ ଯାଇଛି । କିଛି ଦିନପରେ ମାଣ୍ଡିଆ ବଣ୍ଟନ କରିଦେବୁ ବୋଲି କହିଛନ୍ତି। ଏନେଇ ସିନାପାଲି ଯୋଗାଣ ଅଧିକାରୀ ଦେବେନ୍ଦ୍ର ସେଠିଆ ଙ୍କୁ ପଚାରିବାରୁ ଦୁର୍ନୀତି ହୋଇନାହିଁ। କିଛି ଯୋଗାଣ ସହାୟକଙ୍କ ଅବହେଳା କାରଣରୁ ଏଭଳି ବ୍ୟତିକ୍ରମ ହୋଇଛି ବୋଲି ପ୍ରକାଶ କରିଥିଲେ। ଏଥିପ୍ରତି ବ୍ଲକ ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ହିତାଧିକାରୀ ଙ୍କୁ ମାଣ୍ଡିଆ ବ□ନ କରିବା ସହ ଅନିୟମିତତା କରୁଥିବା ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ରେ ଦାବୀ ହେଉଛି।

## ଗୋଟିଏ ଦିନରେ ୧୬ ଟି ରେଳ ବଗି ରେକ ପଣ୍ୟ ଖଲାସ କରି ପାରାଦୀପ ବନ୍ଦରର ସର୍ବକାଳୀନ ରେକର୍ଡ



ପାରାଦୀପ – ମାର୍ଚ୍ଚ ୧ ତାରିଖ ଦିନ ଗୋଟିଏ ଦିନରେ ୧୦ ଟି କୋଇଲା ଓ ୬ ଟି ଆଇରନ ଓର ସର୍ବମୋଟ ୧୬ ଟି ରେଳ ବଗି ରେକ ଖଲାସ କରି ପାରାଦୀପ ବନ୍ଦର ପ୍ରାଧିକାରଣ ତାର ପୂର୍ବ ରେକର୍ଡ କୁ ଅତିକ୍ରମ କରି ବନ୍ଦର ପଣ୍ୟ ପରିଚାଳନା କ୍ଷେତ୍ରରେ ଇତିହାସ ସୃଷ୍ଟି କରିଛି । ଦେଶର ଏକ ନମ୍ବର ପାରାଦୀପ ବନ୍ଦର ଗୋଟିଏ ପରେ ଗୋଟିଏ କୀର୍ତ୍ତିମାନ ସ୍ଥାପନ କରି ଚାଲିଥିବା ବେଳେ ଏହି ସଫଳତା ପାଇଁ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦର ର ସମସ୍ତ କର୍ମଚାରୀ, ଅଧିକାରୀ ଓ ହିତାଧିକାରୀ ଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ପ୍ରଚେଷ୍ଟା ପାରାଦୀପ ବନ୍ଦର କୁ ଏହିପରି ଆଗକୁ ନେବା ରେ ସହାୟକ ହେବା ନେଇ କାମନା କରିଛନ୍ତି । ସୂଚନାଥାଉକି, ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ଓ ପୋତାଶ୍ରୟ ର ଯାନ୍ତ୍ରିକରଣ ଓ ଆନୁସଙ୍ଗିକ ବ୍ୟବସ୍ଥା ଏବଂ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ଙ୍କ ସଠିକ ନେତୃତ୍ୱ ଯୋଗୁଁ ବନ୍ଦରର ପଣ୍ୟ ପରିଚାଳନା ଓ ଜାହାଜ ଚଳାଚଳରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି ।

## ପାରାଦୀପ ରେ ୨୪ତମ ଆମନ୍ତ୍ରଣ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ପାରାଦୀପ (ମହାଭାରତ): ପାରାଦୀପ ଗଲ୍ଫ କ୍ଲବ ର ୨୪ ତମ ବାର୍ଷିକ ଆମନ୍ତ୍ରଣ କପ ଗଲ୍ଫ ଟୁର୍ଣ୍ଣାମେ□ ଗତ ମାର୍ଚ୍ଚ ୧ ଓ ୨ ତାରିଖ ଦୁଇଦିନ ଧରି ପାରାଦୀପ ପୋର୍ଟ ଗଲ୍ଫ ପଡିଆରେ ଆୟୋଜିତ ହୋଇଯାଇଛି । ପାରାଦୀପ ଗଲ୍ଫ କ୍ଲବ ଏବଂ ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲ ମିଳିତ ସହଯୋଗରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ ।ଏହି ଟୁର୍ଣ୍ଣାମେ□ ରେ ଭୁବନେଶ୍ୱର ଗଲ୍ଫ କ୍ଲବ ର ଅଜୟ କୁମାର ସାହୁ ସାମଗ୍ରିକ ଭାବେ ଚାମ୍ପିୟନ ହୋଇଥିବା ବେଳେ ପାରାଦୀପ ଗଲ୍ଫ କ୍ଲବ ର ଅକ୍ଷୟ ଚନ୍ଦ୍ର ସୁତାର ହାଣ୍ଡିକାପ ୦-୧୨ ବର୍ଗରେ ଚାମ୍ପିୟନ ହୋଇଥିଲେ କ୍ଷ ସେହିପରି ୧୩-୧୮ ହାଣ୍ଡିକାପ ରେ ପାରାଦୀପ କ୍ଲବ ର ଓସ୍କାର ଡୁଙ୍ଗଡୁଙ୍ଗ, ୧୯-୨୪ ହାଣ୍ଡିକାପ ରେ ଭୁବନେଶ୍ୱର କ୍ଲବ ର ଦେବୀପ୍ରସାଦ ଶତପଥି ଓ ମହିଳା ପୁଟିଙ୍ଗ ବିଭାଗରେ ପାରାଦୀପ ର ଆଞ୍ଜେଲା ଡୁଙ୍ଗଡୁଙ୍ଗ ଚାମ୍ପିୟନ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ପାରାଦୀପ ଗଲ୍ଫ କ୍ଲବ ର କାର୍ଯ୍ୟକାରୀ ସଭାପତି ବବୁଲ ସିକଦାର, ସମ୍ପାଦକ ମନୋଜ କୁମାର ମହନ୍ତ, ପାରାଦୀପ ଗଲ୍ଫ କ୍ଲବ ର ଅଧିନାୟକ ଏ.ସି.ସୁତାର, ଗୋପବନ୍ଧୁ କ୍ରୀଡା ସଂସଦ ର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ସ୍ଥାନରୁ ୯ ଟି ଅଗ୍ରଣୀ ଗଲ୍ଫ କ୍ଲବ ର ୭୭ ଜଣ ଗଲ୍ଫ ଖେଳାଳି ଅଂଶଗ୍ରହଣ କରିଥିଲେ।

## କାଠ ବୋଝେଇ ପିକ ଅପ୍ ଭ୍ୟାନ ଜବତ, ଡ୍ରାଇଭର ଫେରାର



କରଞ୍ଜିଆ,(ମହାଭାରତ)କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟପ୍ରାଣୀ ବନା□ଳ ଠାକୁରମୁଣ୍ଡା – ଆନନ୍ଦପୁର ରାସ୍ତା ନାକଝରି ନାଳ ପାଖରେ ଗୋଟିଏ ଚଉକାଠ ବୋଝେଇ ପିକଅପ ଜବତ କରି ବନବିଭାଗ। ଗତକାଲି ବିଳମ୍ବିତ ରାତିରେ ପ୍ରାୟ ୧ ଟାଏ ବେଳେ ବିଶେଷ ସୂତ୍ରରୁ ଖବର ପାଇ ସାତକୋଶିଆ ରେଞ୍ଜ ରବିନ୍ଦ୍ର କୁମାର ମହାନ୍ତ ନେତୃତ୍ୱରେ ଏକ ଟିମ୍ ନାକଝରୀ ନାଳ ପାଖରେ ଛକି ବସିଥିଲେ। ବିଭାଗ କର୍ମଚାରୀଙ୍କୁ ଦେଖି ଗାଡ଼ି ରଖି ଚାଳକ ଜଙ୍ଗଲ କୁ ଫେରାର। ବନବିଭାଗ ୪୯.୪୫ ସିଫ୍ଟି କାଠ ଜବତ ଯାହାର ଆନୁମାନିକ ମୂଲ୍ୟ ୬୦ ହଜାର ହେବ ବୋଲି ବିଭାଗ ପକ୍ଷରୁ ସୂଚନା।ଏହି ଚଢାଉ ରେ ଫରେଷ୍ଟ ଗିରିଜା ଶଙ୍କର ଦଳେଇ, ବିଦ୍ୟାଧର ମହାନ୍ତ, ବିଶ୍ୱଜିତ ମହାନ୍ତ, ବିଜୟ ମହାନ୍ତ , ବନରକ୍ଷୀ ସନତ ମହାନ୍ତ ଓ ବନ କର୍ମଚାରୀ ଉପସ୍ଥିତ ଥିଲେ ।

# ଇ -ସ୍କୁଲ ମାଧ୍ୟମରେ ଓଡିଶା ରେ କମ୍ପୁଟର ଶିକ୍ଷ୍ୟାର ଶୁଭାରମ୍ଭ

ଢେଙ୍କାନାଳ(ମହାଭାରତ ):ସମଗ୍ର ରାଜ୍ୟରେ ସରକାରଙ୍କ ତରଫରୁ ପ୍ରତି ହାଇସ୍କୁଲ କୁ ସ୍ମାର୍ଟ ଶ୍ରେଣୀ ର ରୂପ ଦେଇଥିବା ବେଳେ ଏବେବି ବିଭିନ୍ନ ସ୍କୁଲରେ କମ୍ପୁଟର ଶିକ୍ଷକ ର ଅଭାବଦେଖିବାକୁ ମିଳୁଛି । ପ୍ରକାଶଥାଉକି ଭୁବନେଶ୍ୱର ସ୍ଥିତ ହୋଟେଲ ହିନ୍ଦୁସ୍ତାନ ଇ□ରନେସନାଲ ଠାରେ ଇ -ସ୍କୁଲ ମାଧ୍ୟମରେ ଓଡିଶା ରେ କୋମ୍ପୁଟର ଶିକ୍ଷ୍ୟାର ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ଉଦଘାଟନ କରିଥିଲେ। ସୂଚନା ଅନୁସାରେ ଚଳିତ ବିଧାନସଭା ଅଧିବେଶନ ଚାଲୁଥିବା ବେଳେ ସମଗ୍ର ଓଡିଶା ରେ କମ୍ପୁଟର ଶିକ୍ଷକ ଅଭାବ ନେଇ ତୁମ୍ବିତୋଫାନ ଦେଖାଦେଇଥିଲା ।ଆଗାମୀ ଦିନ ରେ ବୈଷୟିକ ଶିକ୍ଷ୍ୟା ର ଏକ ଯୋଗାନ୍ତକାରୀ ପଦକ୍ଷେପ ଓଡିଶା ର ପ୍ରତି ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ ମାନଙ୍କରେ ଇ -ସ୍କୁଲ ମାଧ୍ୟମରେ ଭୁବନେଶ୍ୱର ଆଇକନିକ ଏଜୁକେସନ ଲିମିଟେଡ଼ ରାକେଶ କୁମାର ମହାନ୍ତି ଙ୍କ ଦ୍ୱାରା ପ୍ରଚଳିତ ହବା ପାଇଁ ଯାଉଅଛି ।



ସୂଚନା ଅନୁସାରେ ଆଇକନିକ ଏଜୁକେସନ ଲିମିଟେଡ଼ ମୁଖ୍ୟ ଶ୍ରୀ ମହାନ୍ତି କୁହନ୍ତି ଓଡିଶା ରେ କମ୍ପୁଟର ଶିକ୍ଷ୍ୟା ର ଆବଶ୍ୟକତା କୁ ଦୃଷ୍ଟି ରେ ରଖି କେମିତି ଛାତ୍ରଛାତ୍ରୀ ମାନେ ଉଚ୍ଚ ଶିକ୍ଷିତ ହେବା ସହ ବୈଷୟିକ ଶିକ୍ଷ୍ୟା ମାଧ୍ୟମରେ ଉର୍ଣ୍ଣତ ମାନର କମ୍ପୁଟର ପ୍ରଶିକ୍ଷକ ନିଯୁକ୍ତି ସୃଷ୍ଟି ହେଇପାରିବ ସେ କ୍ଷେତ୍ରରେ ସେ ସଂକଳ୍ପବଧ୍ୟ ସଂସ୍ଥା ତରଫରୁ ଆଗାମୀ ଦିନମାନଙ୍କରେ ଦକ୍ଷ କମ୍ପୁଟର ଟ୍ରେନର ନିଯୁକ୍ତି ପାଇଁ ଏ ସି ଟି ଟି ତ୍ରୟ ମାସିକ ପାଠ୍ୟକ୍ରମ ଦିଆଯିବା ସହ ପ୍ରତି ହାଇସ୍କୁଲ ରେ ନିଯୁକ୍ତି ପାଇବେ ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ଯୋଗ ଦେବା ସହ ଭୁବନେଶ୍ୱର ପୂର୍ବତନ ସାଂସଦ ପ୍ରଶ୍ନ ପଟ୍ଟଶାଣୀ ଏବଂ ଓଡିଶା ର ବିଭିନ୍ନ ଜିଲ୍ଲା ରୁ କମ୍ପୁଟର ପ୍ରଶିକ୍ଷକ ଯୋଗଦେଇଥିଲେ।

# କଣ୍ଟାବାଞ୍ଜି ମହୋତ୍ସବ ପାଇଁ ସ୍ଥାପନ ହେଲା ଶୁଭ ଖମ୍ବ

କଣ୍ଟାବାଞ୍ଜି, ( ମହାଭାରତ ) : ବଲାଙ୍ଗିର ଜିଲ୍ଲା ର କଣ୍ଟାବାଞ୍ଜି ସହର ର ରେଲବାଇ ଖେଳ ପଡ଼ିଆ ଠାରେ ଆସନ୍ତା ମାର୍ଚ୍ଚ ୧୦ ତାରିଖ ରୁ ଆରମ୍ଭ ହୋଇ ୩ ଦିନ ଧରି ଆୟୋଜିତ ହେବାକୁ ଯାଉଛି କଣ୍ଟାବାଞ୍ଜି ମାର୍ଟି ମହୋତ୍ସବ। ସେଥି ପାଇଁ ଆୟୋଜକ କମିଟି ପକ୍ଷରୁ ରବିବାର ରେଲବାଇ ଖେଳ ପଡ଼ିଆ ଠାରେ ପୂଜା ଅର୍ଚ୍ଚନା କରି ଶୁଭ ଖମ୍ବ ସ୍ଥାପନ କରାଯାଇଛ। ଏହି ମହୋତ୍ସବ ରେ ରାଜ୍ୟ ତଥା ରାଜ୍ୟ ବାହାର ରୁ ଅନେକ କଳାକାର ଆସି ତାଙ୍କ କଳା ପ୍ରଦର୍ଶନ କରିବେ ସମ୍ବଲପୁରୀ ନାଚ ଗୀତ ତାଳେ ମଞ୍ଚ ଦୁଲ କି ବା ଏବଂ ଅଞ୍ଚଳ ଅନେକ ପ୍ରତିଭା ଏହି ମଞ୍ଚରେ ସମ୍ବନ୍ଧିତ ହେବେ ବୋଲି କମିଟି ପକ୍ଷରୁ ସୂଚନା ଦିଆ ଯାଇଛି। ଏହି କାର୍ଯ୍ୟକ୍ରମ ରେ କଣ୍ଟାବାଞ୍ଜି ବିଧାୟକ ତଥା ମହୋତ୍ସବ କମିଟି ର ଅଧ୍ୟକ୍ଷ ଲକ୍ଷ୍ମଣ ବାଗ, ସଭାପତି ବ୍ରଜ ଶ୍ୟାମ ଗୁରୁ , ଉପ ସଭାପତି କୌଳାଶ ଦୀପ, ସଂଜୟ ଗାନ୍ଧୀ, ସହ ସମ୍ପାଦକ ତୁଳସିରାମ ଜଗତ, ଦିନେଶ ମହାନନ୍ଦ, ଆଶିଷ ଅଗ୍ରୱାଲ, ଆବାହକ ପୁଷ୍ପକେତୁ ବେହେରା, ପ୍ରଚାରକ ରୋହନ କୁମାର ମହତ, ଆଇନ ପରାମର୍ଶଦାତା ବିବେକ ଶର୍ମା, ସାଂସ୍କୃତିକ ସମ୍ପାଦକ ଅମର ବାଗ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରମାନନ୍ଦ ପୁଟେଲ, ରାଜୁ ବାରିକ, ସୋହନ ଗୁରୁ, ସୋମନାଥ ସାହୁ, ମୋହନ ସୁନା, ଉମାକାନ୍ତ ମହାନନ୍ଦ, ବାବୁ ବାଗ, ଇଲୁ ନାଗ, ଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ତରୀୟ ଗ୍ରୀଷ୍ମ ପ୍ରବାହ ସୁପରିଚାଳନାର ପ୍ରସ୍ତୁତି ବୈଠକ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ୍ୟ ଠାରେ ଜିଲ୍ଲା ସ୍ତରୀୟ ଗ୍ରୀଷ୍ମ ପ୍ରବାହ ସୁପରିଚାଳନାର ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଅଛି। ଚଳିତ ଗ୍ରୀଷ୍ମ ପ୍ରବାହରେ ସତର୍କ ରହିବା ଓ ଅଂଶୁଘାତ ପାଇଁ ଚଳିତ ମାର୍ଚ୍ଚ,ଏପ୍ରିଲ ଓ ମେ ମାସରେ ଗ୍ରୀଷ୍ମ ପ୍ରଭାହ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ନେଇ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀମାନଙ୍କ ସହ ପୁଙ୍ଖାନପୁଙ୍ଖ ଆଲୋଚନା କରଯାଇଥିଲା । ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଗ୍ରୀଷ୍ମ ପ୍ରବାହର ସୁପରିପରିଚାଳନା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷର ପ୍ରଥମାର୍ଦ୍ଧ ରୁ ହିଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଗଜପତି ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ଆଗକୁ ଏହା ଆହୁରି ତିବ୍ର ରୂପ ନେବାର ଆଶଙ୍କା ରହିଛି ।ତେଣୁ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି, ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆରଏସ, ପେକେଟ ଓ ଆବଶ୍ୟକୀୟ ଔଷଧ ମଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାପାଇଁ କୁହାଯାଇଥିଲା । ସେହିପରି ସମସ୍ତ ଗ୍ରାମାଞ୍ଚଳ,ପାରଳାଖେମୁଣ୍ଡି ପୌରପରିଷଦ, କାଶୀନଗର ଏନ୍ଏସି ଓ ସମସ୍ତ ବ୍ଲକ ପକ୍ଷରୁ ବିଭିନ୍ନ ଛୋକ ଜାଗାରେ ଜଳଛତ୍ର ଖଲିବା, ଖରାପ ଥିବା ନଳକୂଅକୁ ତୁରନ୍ତ ମରାମତି କରିବାକୁ କୁହାଯାଇଛି । ସେହିପରି ମଧ୍ୟାହ୍ନ ସମୟରେ ବାହାରେ ବୁଲିବା ସମୟରେ ପାଣି ବୋତଲ,ଛତା, ଟୋପି ତଥା ଓଦା କପଡା ଇତ୍ୟାଦି ମୁଣ୍ଡରେ ପକାଇ ଯାତାୟତ କରିବା ଏବଂ ଏନେଇ ଜିଲ୍ଲାର ସମସ୍ତ ଜନସାଧାରଣ ଙ୍କୁ ବ୍ୟାପକ ସଚେତନ କରାଇବାକୁ ଆଲୋଚନା ହୋଇଥିଲା।

# କର୍ଲାଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ କ୍ରୀଡା ଓ ବାର୍ଷିକ ଉତ୍ସବ



କଳାହାଣ୍ଡି / ମହାଭାରତ :ଭବାନୀପାଟଣା ସଦର କାମଠଣା କ୍ଲଷ୍ଟର ଅଧୀନ କର୍ଲାଗୁଡା ସରକାରୀ ଉଚ୍ଚ ପ୍ରଥମିକ ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷକ ଦୀପକ କୁମାର ବାଗ ଙ୍କ ସଭାପତିତ୍ୱ ରେ ଶନିବାର କ୍ରୀଡା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା ଏଥିରେ ବିଇଓ ଅଚାରୀ ଶବର ମୁଖ୍ୟ ଅତିଥି,ଏବଂ କର୍ଲାଗୁଡା ସରପ□ ଆଦିତ୍ୟ ନାଏକ, ଏବିଇଓ ଜୟ ମାଝୀ, କାମଠଣା ଅଞ୍ଚଳ ରେ ଥିବା ସମସ୍ତ ଆଞ୍ଚଳିକ ସାଧନା କେନ୍ଦ୍ର ର ସମସ୍ତ ସଂଯୋଜକ ସାମ୍ବାଦିକ ନିରଞ୍ଜନ ତାଣ୍ଡି ସମ୍ମାନିତ ଭାବେ ପ୍ରମୁଖ ଉପସ୍ଥିତ ଥିଲେ କ୍ରୀଡା ଛାତ୍ରଛତ୍ରୀ ଙ୍କ ସର୍ବଗୀନ ଉଓତି ପାଇଁ ଅପରିହାର୍ଯ୍ୟ ଏବଂ ପରୀକ୍ଷା ସମୟ କୁ ସଦଉପଯୋଗ ପାଇଁ ଉତ୍ସବ ରେ ଉପସ୍ଥିତ ଥିବା ଅତିଥି ଛାତ୍ରଛାତ୍ରୀ ଙ୍କୁ ଉପଦେଶ ଦେଇଥିଲେ ପରେ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ବିଭିନ୍ନ ସଂକୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଉଥିଲା ପରେ ପ୍ରତିଯୋଗୀ ଙ୍କୁ ଅତିଥି ଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା ଉତ୍ସବ କୁ ସୁପରିଚାଳନା ପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀ ମିନତୀ ମହାପାତ୍ର,କୁନି ନାଏକ, କୁମୁଦିନୀ ମାହାର,ଗୀତାଞ୍ଜଳି ଭାଟି,ରିଙ୍କୁ ଚୌଧରୀ,ପ୍ରମୁଖ ବିଶେଷ ଯୋଗଦାନ ଥିଲା।

## ଫକୀରପାଟଣା ପ୍ରାଥମିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ

ଅସ୍ତରଙ୍ଗ(ମହାଭାରତ) : ଆଜି ଅସ୍ତରଙ୍ଗ ବ୍ଲକ ସରିପୁର ଫକୀର ପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି, ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ମଣ୍ଡଳ ଅତିରିକ୍ତ ଅଧିକାରୀ ସୁଧାଂଶୁବାଳା ଶତପଥୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସରପଞ୍ଚ ବନିତା କାଣ୍ଡି ଯୋଗ ଦେଇଛନ୍ତି, ଅନ୍ୟ ମାନଙ୍କ ଭିତରେ ସମିତି ସଭ୍ୟା ସୁକାନ୍ତି ଦାସ, ସିଆରସିସି ରବୀନ୍ଦ୍ର କୁମାର ପରିଡା, ବିଦ୍ୟାଳୟ କମିଟି ସଭାପତି ଅଭିରାମ ଗିରୀ ଯୋଗ ଦେଇଥିଲେ,ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ହୋଇଥିଲା ତା ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରାଷ୍ଟ୍ରୀୟ ସଙ୍ଗୀତ ପାଠ ହୋଇ ସ୍ୱାଗତ ଭାଷଣ ଦିଆଯାଇଥିଲା,ଉପସ୍ଥିତ ଅତିଥି ମାନେ ଛାତ୍ରଛାତ୍ରୀ ମାନଙ୍କୁ ସୁପ୍ତ କଳା କୁ ଆଲୋକିତ କରି ଆଗାମୀ ଦିନରେ ଉ□ମ ନାଗରିକ ହୋଇ ନିଜକୁ ଦେଶ ଓ ସୁସ୍ଥ ସମାଜ ଗଠନ କରିବାକୁ ଉପଦେଶ ଦେଇଥିଲେ, ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶବର କାଣ୍ଡି ସଭାପତିତ୍ୱ କରିଛନ୍ତି ତା ସହିତ ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ନାୟକ ବିଦ୍ୟାଳୟ ର ସମସ୍ତ କାର୍ଯ୍ୟକ୍ରମ ଉପରେ ବାର୍ଷିକ ବିବରଣୀ ପାଠ କରିଥିଲେ, ସମୁଦାୟ ୮୦ ଜଣ ଛାତ୍ରଛାତ୍ରୀ ଙ୍କୁ ନେଇ ଏହି ଅନୁଷ୍ଠାନ ଚାଲିଥିବା ବେଳେ ବିଦ୍ୟାଳୟ ର ଆହୁରି ଅନେକ ଉଓୟନ ମୂଳକ କାର୍ଯ୍ୟ କୁ ଆଗାମୀ ଦିନରେ କରିବାପାଇଁ ଉପସ୍ଥିତ ଶିକ୍ଷକ ଅତିଥି ମାନଙ୍କ ଜରିଆରେ ପ୍ରଶାସନ ଓ ସରକାର ଙ୍କୁ ନିବେଦନ କରିଥିଲେ, ସଭାକାର୍ଯ୍ୟ ଶେଷ ପରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଛାତ୍ରଛାତ୍ରୀ ମାନେ ଭିଭ ଭିଭ ଲୋକନୃତ୍ୟ ସହିତ ଅନେକ ଆଧାତ୍ମିକ, ରାଷ୍ଟ୍ରୀୟ ଗୀତ ଗାଇବା ସହିତ ନୃତ୍ୟ ପରିବେଷଣ କରିଥିଲେ, ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟ କମିଟି ସଭ୍ୟ ସୁକାନ୍ତ କୁମାର କାଣ୍ଡି ସମସ୍ତ ଦାୟିତ୍ୱ ନେଇ ସୁ ପରିଚାଳନା କରିବା ସହ ଅନ୍ୟ ମାନଙ୍କ ଭିତରେ ସୁବାସ ଚନ୍ଦ୍ର ରାଉତ, ଭାରତୀ ମାଣିକ, ମମତା କୁମାର ମିଶ୍ର ଓ ମଧୁସ୍ମିତା ମହାନ୍ତି ଆଦି ସଭ୍ୟସଭ୍ୟା ମାନେ ଶୃଙ୍ଖଳା ର ସହିତ ଉତ୍ସବ କୁ ପରିଚାଳନା କରିଛନ୍ତି, ଏହି କାର୍ଯ୍ୟକ୍ରମ ରେ ପାଖାପାଖି ୩ସହ ଅଭିଭାବକ ଓ ଗ୍ରାମବାସୀ ମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆୟୋଜିତ ସନ୍ଧ୍ୟା କାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ ।

## ସୁନେଇ ଜଳସେଚନ ପ୍ରକଳ୍ପ ଏସଡିଓ ଗଜେନ୍ଦ୍ର ନାୟକ ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କପ୍ତିପଦା (ମହାଭାରତ):..କପ୍ତିପଦା – ସୁନେଇ ପାଣିପଞ୍ଚାୟତ ର ଶୀର୍ଷକମିଟି ଏବଂ କିଛି ପାଣି ପଞ୍ଚାୟତ କମିଟି ପକ୍ଷରୁ ଆଜି କାଳ ଡାକ ବଙ୍ଗଳା ଠାରେ ଭବ୍ୟ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି । ସୁନେଇ ଜଳସେଚନ ପ୍ରକଳ୍ପ ର ସହକାରୀ ନିର୍ବାହୀ ଯନ୍ତ୍ରୀ ଗଜେନ୍ଦ୍ର ନାୟକ ଙ୍କୁ ଆଜି ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଥିଲା କ୍ଷ ନୂତନ ଭାବେ ନିଯୁକ୍ତି ପାଇଥିବା ସୁନେଇ ଜଳ ସେଚନ ପ୍ରକଳ୍ପ ର ଏସଡିଓ ଦିଲୀପ ନାୟକ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ମଧ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ସୁନେଇ ଜଳସେଚନ ପ୍ରକଳ୍ପ ର କନିଷ୍ଠ ଯନ୍ତ୍ରୀ ମାନେ ଉପସ୍ଥିତି ରେ ଆଜି ଆପେକ୍ସ କମିଟି ର ସଭାପତି ହେମନ୍ତ ବେହେରା ଏବଂ ଆପେକ୍ସ କମିଟି ର ସୋମ୍ପାଦକ ବିରଞ୍ଚି ନାରାୟଣ ପାତ୍ର ଙ୍କ ସମେତ କିଛି ପାଣିପାଞ୍ଚାୟତ ର ସଭାପତି,ସମ୍ପାଦକ ଙ୍କ ସମେତ କୋଷାଧ୍ୟକ୍ଷ ମାନେ ଯୋଗ ଦେଇ ବିଦାୟ ଏସଡିଓ ଙ୍କୁ ଫୁଲ ତୋଡ଼ା ଦେବା ସହ ଉପଢୌକନ ଦେଇ ସଓମାନିତ କରାଯାଇଥିଲ। ଶ୍ରୀ ନାୟକ ସୁନେଇ ପ୍ରକଳ୍ପ ରେ କାର୍ଯ୍ୟରତ ଥିବା ବେଳେ ତାଙ୍କର କାର୍ଯ୍ୟଦୋକ୍ଷତା ଏବଂ ଚାଷୀ ମାନଙ୍କ ର ଉଓତି ଦିଗରେ ପାଣିପଚାୟତ ମାଧମରେ କେମିତି ଚାଷୀ ଭାଇ ମାନେ ଉପକୃତ ହୋଇପାଇବେ ସେଇଥି ନେଇ ଶ୍ରୀ ନାୟକ ଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଆପେକ୍ସ ବଡ଼ି ଚେୟାରମେନ ହେମନ୍ତ ବେହେରା ପ୍ରକାଶ କରିଥିଲେ । ତେବେ ଆଜିର ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଏସଡିଓ ତାଙ୍କର ଏତେଦିନ ର ସୁନେଇ ଜଳ ସେଚନ ପ୍ରକଳ୍ପ ର କାର୍ଯ୍ୟକାରିତା ସହ ଆଗାମୀ ଦିନରେ ଚାଷୀ ଭାଇ ମାନଙ୍କ ର ଉଓତି ଦିଗରେ ସୁନେଇ ପ୍ରକଳ୍ପ ସୋହାୟ ହେଉ ବୋଲି ତାଙ୍କ ବାକ୍ତୋବ୍ୟ ରେ କହିଥିଲେ । ତେବେ ତାଙ୍କର ସୁନେଇ ଏବଂ ଚାଷୀ ଭାଇ ମାନଙ୍କ ର ଭଲ ପାଇବକ୍ଷ କୁ ମନେ ପକାଇ ଆଖି ଛଳ ଛଳ ତାଙ୍କର ବକ୍ତବ୍ୟ ରେ ବେଶ ଭାବ ବିହଳ ହୋଇଯାଇଥିଲେ ବିଦାୟ ଏସଡିଓ ଗଜେନ୍ଦ୍ର ନାୟକ । ତେବେ ଆଗାମୀ ଦିନରେ ସୁନେଇ ପ୍ରକଳ୍ପ ପ୍ରତି ତାଙ୍କର ଭଲ ପାଇବା ସବୁବେଳେ ରହିବ ବୋଲି କହି ସମସ୍ତ ଙ୍କୁ ଧନ୍ୟବାଦ ଦେଇଥିଲେ।

# ସମାଜରେ ସାହିତ୍ୟହିଁ ସମ୍ପର୍କର ସେତୁବନ୍ଧ

ହାଟଡ଼ିହୀ(ମହାଭାରତ): ହାଟଡିହୀ ବ୍ଲକ ଶିବ ନାରାୟଣ ସାହିତ୍ୟ ସଂସଦ ,ଇଞ୍ଚୋଳ ର ଏକାଦଶତମ ବାର୍ଷିକୋତ୍ସବ ଇଞ୍ଚୋଳ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଭବ୍ୟ ଓ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଯୋଗଦାନ କରି କହିଥିଲେ ଯେ ସମାଜରେ ସାହିତ୍ୟହିଁ ସମ୍ପର୍କର ସେତୁବନ୍ଧ । ସାହିତ୍ୟ ଦୁନିଆର ଦର୍ପଣୟ ତେଣୁ ଯୁବ ପିଢିମାନେ ସାହିତ୍ୟ ମନସ୍କ ଓ ମୁଖର ହେବା ନିମନ୍ତେ ଅଭିଭାବକମାନେ ସଚେତନ କରାନ୍ତୁ । ମୁଖ୍ୟ ବକ୍ତା କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ମହାନ୍ତି ତାଙ୍କର ବକ୍ତବ୍ୟରେ ଗ୍ରାମୀଣ ସଭ୍ୟତାରେ ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇବା ନିମନ୍ତେ ଆହ୍ୱାନ ସୃଷ୍ଟି ହୋଇଛି ଏହାର ମୁକାବିଲା ପାଇଁ ଯୁବ ଲେଖକ ମାନେ ଆଗେଇ ଆସିବା ଦରକାର ବୋଲି ପ୍ରକାଶ କରିଥିଲେ । ନିଜ ଘରୁ ଓ ନିଜ ପରିବାରରୁ ସାହିତ୍ୟ ଆନ୍ଦୋଳନ ସୃଷ୍ଟି ହେଉ ,ଯାହା ଫଳରେ ଆଗାମୀ ପିଢି ସାହିତ୍ୟରେ ସୁଦୃଢ ହେବେ ତେଣୁ ବେଳହୁଁ ଏ ଦିଗରେ ଯତ୍ନବାନ ହେବାର ସମୟ ଆସିଛି ବୋଲି ଉଦଘାଟକ ଚତୁର୍ଭୁଜ ପହି ପ୍ରକାଶ କରିଥିଲେ । ଏବଂ ସାହିତ୍ୟ ଅନୁଷ୍ଠାନ ଗୁଡିକ ନୂଆ ପିଢି ତିଆରି କରିବା ସହ ଶୁଦ୍ଧ ଓଡ଼ିଆ ଲିଖନ , କଥନ ଓ ଉଚ୍ଚାରଣ ଉପରେ ବିଶେଷ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ । ଯୁବ ଲେଖକ ତଥା ପତ୍ରକାର ଚନ୍ଦନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କ୍ରମାନ୍ୱୟରେ ,ବ୍ରଜ କିଶୋର ରାଉତ ,ରାହାସ ବିହାରୀ ବେହେରା କାର୍ତ୍ତିକେଶ୍ୱର ମଲ୍ଲିକ,ଦାମୋଦର ମହାନ୍ତି , ପ୍ରମୁଖ ମ□ ପରିଚାଳନା କରିଥିଲେ ।ଶିଶୁ ସାହିତ୍ୟିକ ରତ୍ନାକର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂସଦର ସଂପାଦକ ମୁରଲୀଧର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୬ ଜଣ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ ଚନ୍ଦ୍ରଶେଖର ଦାସଙ୍କ ସୌଜନ୍ୟରୁ ସୁଶ୍ରୀ ମାନସୀ ବାରିକ, ତୁଳସୀ ସୁଆର, ,ଅଭିଲିପ୍ସା ଜେନା,ଧନଞ୍ଜୟ ସାହୁ ଓ ପ୍ରାକ୍ତନ କ୍ରୀଡା ଶିକ୍ଷକ ଧନେଶ୍ୱର ରାଉତଙ୍କ ସୌଜନ୍ୟରୁ ରଶ୍ମିତା ଜେନା ପ୍ରମୁଖଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ପରେ ଅତିଥିମାନଙ୍କ ଗହଣରେ ସଂସଦର ବାର୍ଷିକ ମୁଖପତ୍ର ଦୁନ୍ଦୁଭି ଲୋକାର୍ପଣ ହୋଇଥିଲା ଏବଂ ବିଧାୟକଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସହ , ଶ୍ରୀଯୁକ୍ତ ହରମୋହନ କୁଅଁରଙ୍କୁ ସାହିତ୍ୟ କ୍ଷେତ୍ର ରେ ,ଚିତ୍ରକଳା କ୍ଷେତ୍ରରେ ସୁଶାନ୍ତ ଯେନା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସ୍ୱେଚ୍ଛାସେବୀ ଦାତବ୍ୟ ନ୍ୟାସ ମା ତାରିଣୀ ସେବା ସଂସ୍ଥା ଙ୍କୁ ମାନପତ୍ର ଓ ଉପୌକନ ସହିତ ପୁଷ୍ପସ୍ତବକ ପୂର୍ବକ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନନ୍ତ ଚରଣ ମୁଦୁଲି ,ସୁଦାମ ଚରଣ ଜେନା,ନାରାୟଣ ଚନ୍ଦ୍ର ସାହୁ ପ୍ରମୁଖ ମାନପତ୍ର ପଠନ କରିଥିଲେ। ପ୍ରଥମ ଅଧିବେଶନରେ ଦିପ୍ତୀ ଦେବଦର୍ଶନୀ ସୂତାର ଓ ହାସ୍ୟମୟୀ ରାଜ୍ ଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।ଏଥିରେ ନାରାୟଣ ଚନ୍ଦ୍ର ଲେଙ୍କା ,ନରହରି ରାଉତ, ନିର୍ମଳ ବାରିକ ,ଉମାକାନ୍ତ ନାୟକ, ହେମନ୍ତ ନାୟକ,ସରଳା ମହାପାତ୍ର, ଜ୍ଞାନେନ୍ଦ୍ର କୁମାର ଜେନା ,ଶଙ୍ଖାଳି ଚରଣ ରାଉଳ,ସୁଜି ମିଶ୍ର, ଚତୁର୍ଭୁଜ ଜେନା,ବାମନ ବେହେରା,ଅଭିମନ୍ୟୁ ବସନ୍ତିଆ, ପର୍ଶୁରାମ ଦାସ,ବନମାଳୀ ଜେନା,ଅଭୟ କୁମାର ସାମଲ ,ଯୁବରାଜ ବିଶ୍ୱାଳ ପ୍ରମୁଖ ଶତାଧିକ କବି ଓ କବୟିତ୍ରୀ ଯୋଗଦାନ କରି ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଶେଷରେ ବିଶ୍ୱଜି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ୟ ସୁଶାନ୍ତ ମହାପାତ୍ର, ଭ୍ରମରବର ରାଉତ ,ଜିତେନ୍ଦ୍ର ରାଉତ ହରେକୃଷ୍ଣ ସ୍ୱାଇଁ ଙ୍କ ସହ ସଂସଦର ସଦସ୍ୟ ସଦସ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# କରୋନା ଟୀକାକରଣ ପାଇଁ କେନ୍ଦ୍ରରୁ ମିଳିଥିବା ଟଙ୍କାକୁ ମଧ୍ୟ ଅଟକାଇଥିଲେ କେଜ୍ରିଓ୍ବାଲ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ଦିଲ୍ଲୀ ସରକାରରେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଅନିୟମିତତାର ଅଭିଯୋଗ । ଏନେଇ ନିୟନ୍ତ୍ରଣ ଏବଂ ମହାଲେଖା ପରୀକ୍ଷକ (ସିଏଜି)ର ରିପୋର୍ଟରୁ ଜଣାପଡିଛି । ପୂର୍ବତନ ଆମ୍ ଆଦମୀ ପାର୍ଟି ସରକାରଙ୍କ ବେଳେ ଦିଲ୍ଲୀ ହସ୍ପିଟାଲରେ କର୍ମଚାରୀଙ୍କ ଅଭାବ ସହ ଅପରେସନ୍ ଥିଏଟର ବନ୍ଦ ହେବା ଏବଂ ଔଷଧର ଅଭାବ ନେଇ ଖୁଲାସା କରାଯାଇଛି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ପକ୍ଷରୁ ଶୁକ୍ରବାର ବିଧାନସଭାରେ ରଖାଯାଇଥିବା ରିପୋର୍ଟରେ କରୋନା କାଳରେ ଖରାପ ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା । ସିଏଜି ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, କରୋନା ମହାମାରୀ ବେଳେ ଦିଲ୍ଲୀବାସୀଙ୍କୁ ଟିକାକରଣ ପାଇଁ ଯେଉଁ ଟଙ୍କା କେନ୍ଦ୍ର ସରକାର ଜାରି କରିଥିଲେ ତାକୁ ମଧ୍ୟ ସରକାର ବହୁ ସମୟ ପର୍ଯ୍ୟନ୍ତ ଅଟକାଇ ରଖିଥିଲେ । କେନ୍ଦ୍ରରୁ ଯେଉଁ ଟଙ୍କା ଜାନୁଆରୀ ଓ ମାର୍ଚ୍ଚ ୨୦୨୧ ରେ ମିଳିଥିଲା ତାକୁ ଅପ୍ରେଲ ଏବଂ ମଇରେ ଆଗକୁ ବଢାଯାଇଥିଲା । ସିଏଜି ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ଟୀକାକରଣ ପାଇଁ ମିଳିଥିବା ପୁରା ଟଙ୍କା ଖର୍ଚ୍ଚ ମଧ୍ୟ ହୋଇନି । ସିଏଜି ରିପୋର୍ଟର ପେଜ୍ ନମ୍ବର ୧୨୫ ରେ କରୋନା ଟୀକାକରଣ ପାଇଁ ଟଙ୍କା ଜାରି କରିବାରେ ବିଳମ୍ବ ହୋଇଥିବା କଥା କୁହାଯାଇଛି । ଭାରତ ସରକାରଙ୍କ





ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ କୋଭିଡ୍-୧୯ ଟୀକାକରଣ ପାଇଁ ଦିଲ୍ଲୀ ସରକାରଙ୍କୁ ସହାୟତା ଅନୁଦାନ ଆବଣ୍ଟିତ କରିଥିଲା, ଯାହାକୁ ଦିଲ୍ଲୀ ଷ୍ଟେଟ୍ ହେଲଥ୍ ସୋସାଇଟି(ଡିଏସ୍ଏଚ୍ଏସ୍)କୁ ବଢାଇବାର ଥିଲା ।' ଡିଏସଏଚ୍ଏସ୍ ଆୟ-ବ୍ୟୟ ଖାତା(୨୦୨୦-୨୧) ଓ ଅନ୍ୟ ସମ୍ପର୍କିତ ଆବଣ୍ଟନ ନିର୍ଦ୍ଦେଶରୁ ଜଣାପଡିଛି ଯେ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦୁଇଟି କିସ୍ତିରେ ୯.୬୦ କୋଟି ଟଙ୍କାର ସହାୟତା ରୂପରେ ଆବଣ୍ଟିତ କରିଥିଲେ । ଜାନୁଆରୀ ୨୦୨୧ ରେ ୩.୪୬ କୋଟି ଓ ମାର୍ଚ୍ଚ ୨୦୨୧ରେ ୬.୧୪ କୋଟି କରାଯାଇଥିଲା, କିନ୍ତୁ ଏହି ଟଙ୍କା ଦିଲ୍ଲୀ ସରକାର ଡିଏସ୍ଏଚଏସ୍କୁ ଅପ୍ରେଲ ଓ ମଇ ୨୦୨୧ରେ ଦେଇଥିଲେ । ଡିଏସ୍ଏଚଏସ୍ ଏହି ଫଣ୍ଡ ଇଣ୍ଟିଗ୍ରେଟେଡ୍ ଡିଷ୍ଟ୍ରିକ୍ ହେଲଥ୍ ସୋସାଇଟିଜକୁ ପଠାଇଛି । ଉପଯୋଗିତା ସାର୍ଟିଫିକେଟ୍ ଅନୁସାରେ, ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ୯.୬୦ କୋଟି ଟଙ୍କାରୁ ୭.୯୩ କୋଟି ଟଙ୍କାର ଖର୍ଚ୍ଚ ହୋଇଯାଇଥିଲା । ଉଲ୍ଲେଖନୀୟ ଯେ, କରୋନା ମହାମାରୀ ପରେ ଦିଲ୍ଲୀରେ ଘାତକ ପ୍ରଭାବ ପଡିଥିଲା । ଏହି କାରଣରୁ ହଜାର ହଜାର ଲୋକଙ୍କ ଜୀବନ ଯାଇଥିଲା । ସାରା ଦେଶରେ ଟିକାକରଣ ପରେ ସଂକ୍ରମକ ମହାମାରୀ ଉପରେ କାବୁ ପାଇବା ସମ୍ଭବ ହୋଇଥିଲା ।

# ଦେଶରେ ଉତ୍କଟ ନିଯୁକ୍ତି ସଂକଟ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ଏବେ ଦେଶର ନିଯୁକ୍ତି ବଜାର ସଙ୍କଟ ସ୍ଥିତି ଦେଇ ଗତି କରୁଛି । ଶିକ୍ଷ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଅଟୋମେଶନର ବ୍ୟବହାର ଦ୍ରୁତ ଭାବେ ବଢୁଛି। ଅନ୍ୟପଟେ ନୂଆ ଗ୍ରାଜୁଏଟମାନେ ନିଯୁକ୍ତି ପାଇବାରେ ବଡ଼ ସମସ୍ୟା ଉପୁଜୁଛି । ମର୍ସର ଆଣ୍ଡ୍ ମେଟଲ ପକ୍ଷରୁ ପ୍ରକାଶିତ ଇଣ୍ଡିଆ ସ୍କିଲ୍ ଇଣ୍ଡେକ୍ସ ୨୦୨୫ ମୁତାବକ, ଦେଶର ମାତ୍ର ୪୨.୬% ଗ୍ରାଜୁଏଟ ନିଯୁକ୍ତି ଲାଗି ଯୋଗ୍ୟତା ହାସଲ କରିଛନ୍ତି । ଏହା ୨୦୨୩ରେ ୪୪.୩% ରହିଥିବା ବେଳେ ଏଥିରେ ହ୍ରାସ ଚିନ୍ତା ବଢାଇଛି । ଏବେ ଶିକ୍ଷସଂସ୍ଥାଗୁଡ଼ିକ ଯେଉଁ ଭଳି ସ୍କିଲ ଆବଶ୍ୟକ କରୁଛନ୍ତି ନୂଆ ଗ୍ରାଜୁଏଟଙ୍କ ନିକଟରେ ତା'ର ଅଭାବ ରହୁଛି । ଏବେ ଏଆଇ, ଡାଟା ଆନାଲିଟିକ୍ସ ଭଳି କ୍ଷେତ୍ରରେ ନିଯୁକ୍ତି ଚାହିଦା ରହିଛି । ମାତ୍ର ଯୁବବର୍ଗଙ୍କ ମଧ୍ୟରେ ଏହି ଦକ୍ଷତା ଅଭାବ ରହୁଛି । ଅନ୍ୟପଟେ ଯୋଗାଯୋଗ, ପ୍ରୋବ୍ଲେମ୍ ସଲ୍ଭିଂ ଏବଂ ସୃଜନଶୀଳତା ଭଳି ଅଣଯାନ୍ତ୍ରିକ କୌଶଳ ମଧ୍ୟ କମ୍ ରହୁଛି । ଫଳରେ ଚାକିରି ପାଇବାରେ ନୂଆ ଗ୍ରାଜୁଏଟ୍ଙ୍କୁ ବଡ଼ ସମସ୍ୟା ଉପୁଜୁଛି ।

# ପୃଷ୍ଟିପାଟଣା ସ୍କୁଲର ବାର୍ଷିକ ଉତ୍ସବ

ଭୁବନ, (ନିପ୍ର) : ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ପୃଷ୍ଟିପାଟଣା ନୋଡ଼ାଲ ସ୍କୁଲର ୬୬ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ନଗରପାଳ ନନ୍ଦକିଶୋର ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସର୍ବେଶ୍ୱର ବାରିକ ମୁଖ୍ୟବକ୍ତା, ସାମ୍ବାଦିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସିଆର୍ସିସି ପ୍ରମୋଦ ମିଶ୍ର, ଶିକ୍ଷପତି ରାଜେଶ ପାତ୍ର, ଶିକ୍ଷାବିତ୍ ବିପିନ ବିହାରୀ ବାରିକ, କାଉନସିଲର ମଞ୍ଜୁଲତା ସେଠି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଂଚାସୀନ ଥିଲେ। ପ୍ରଧାନ ଶିକ୍ଷକ ମନମୋହନ ସାହୁ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ମଞ୍ଜୁଲତା ପୃଷ୍ଟି ଅତିଥି ପରିଚୟ ପ୍ରଦାନ ଏବଂ ମାନସ କୁମାର ବେହେରା ସ୍ୱାଗତ ଭାଷଣ ଓ ମଂଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଅବସରରେ ପୁରାତନ ଛାତ୍ରୀ ସନ୍ତୋଷ ସାଥୁଆ ମହାପାତ୍ର, ଶ୍ରୀବତ୍ସ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ମିଶ୍ର, ଅଭିଭାବକ ଟିକିଲି ପୋଥାଳ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ରାଜକିଶୋର ମଲ୍ଲିକ, କୁସୁମ ରାଣା ସୁପ୍ରଭା ତାଲବି, ପରିଚାଳନା କମିଟି ସଦସ୍ୟ ଦିଲ୍ଲିପ କୁମାର ସାହୁ, ପୁରାତନ ଛାତ୍ର ଦୀପକ କୁମାର ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମଣିପୁରରେ ମାର୍ଚ୍ଚ ୮ ସୁଦ୍ଧା ହଟିବ କଟକଣା

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ଶନିବାର ଏକ ଉଚ୍ଚସ୍ତରୀୟ ବୈଠକର ଆୟୋଜନ କରିଥିଲେ । ଅମିତ ସାହ ଏହି ବୈଠକରେ ମଣିପୁରର ବର୍ତ୍ତମାନ ଆଇନକାନୁନ ପରିସ୍ଥିତି ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରେ ଆସନ୍ତା ମାର୍ଚ୍ଚ ୮ ତାରିଖ ସୁଦ୍ଧା ସମଗ୍ର ମଣିପୁରରେ ବିନା କଟକଣାରେ ଲୋକମାନଙ୍କ ଚଳପ୍ରଚଳ ପାଇଁ ଅନୁମତି ପ୍ରଦାନ କରିବାକୁ ଆଦେଶ ପ୍ରଦାନ କରିଛନ୍ତି । ଏହା ସହ ଯଦି କେହି ମଣିପୁରର ଶାନ୍ତିରେ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି ତେବେ ତାଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ସେ ଆଦେଶ ଦେଇଛନ୍ତି । ଏହି ବୈଠକରେ ଯୋଗ ଦେଇ ଅମିତ ଶାହ କହିଛନ୍ତି ଯେ ଆସନ୍ତା ମାର୍ଚ୍ଚ ୮ ତାରିଖରୁ ମଣିପୁରରେ ସମସ୍ତ ଲୋକମାନଙ୍କୁ ବିନା କଟକଣାରେ ଚଳପ୍ରଚଳ କରିବାକୁ ନିଶ୍ଚିନ୍ତ କରିବାକୁ ପଡିବ । ଏହାସହ ଯଦି କେହି ଶାନ୍ତି ଭଙ୍ଗ କରିବାକୁ ଚେଷ୍ଟା କରନ୍ତି ତେବେ, ତାଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ କେନ୍ଦ୍ର ସରକାର ମଣିପୁରକୁ ଶାନ୍ତି ଫେରାଇ ଆଣିବାକୁ ପ୍ରତିଶ୍ରୁତିବଦ୍ଧ ରହିଛନ୍ତି । ଶାନ୍ତି ପ୍ରତିଷ୍ଠା ପାଇଁ ଯାହାବି ସହାୟତା ଦରକାର କେନ୍ଦ୍ର ସରକାର ସମସ୍ତ ସହାୟତା ଯୋଗାଇ ଦେବେ । ସୀମା ସୁରକ୍ଷାକୁ ନେଇ ଅମିତ ଶାହ ଚିନ୍ତାବ୍ୟକ୍ତ କରିଛନ୍ତି । ସୀମାର ଉଭୟପଟେ ତୁରନ୍ତ ଫେନସିଂ କାମ ସାରି ମଣିପୁର ଆନ୍ତର୍ଜାତିୟ ପ୍ରବେଶ ପଥ ପାଇଁ ଜାଗା ନିର୍ଦ୍ଧାରଣ କରିବାକୁ ସେ ଅଧିକାରୀମାନଙ୍କୁ ଆଦେଶ ଦେଇଛନ୍ତି । ଏହାସହ ମଣିପୁର ଦେଇ ହେଉଥିବା ଅବୈଧ ଡ୍ରଗ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରି ମଣିପୁରକୁ ଏକ ଡ୍ରଗମୁକ୍ତ ରାଜ୍ୟ ଭାବେ ଗଢିତୋଳିବା ପାଇଁ ସେ ଅଧିକାରୀମାନଙ୍କ ସହ କଥା ହୋଇଛନ୍ତି । ନୂଆଦିଲ୍ଲୀରେ ଥିବା କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଫିସରେ ଏହି ବୈଠକର ଆୟୋଜନ କରାଯାଇଥିଲା। ଏହି ବୈଠକରେ ଅନେକ ବରିଷ୍ଠ ଅଧିକାରୀଙ୍କ ସହ ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲା, ମଣିପୁର ସରକାରଙ୍କ ଉଚ୍ଚସ୍ତରୀୟ ଅଧିକାରୀ, ଉଚ୍ଚସ୍ତରୀୟ ସେନା ଅଧିକାରୀ, ବରିଷ୍ଠ ପାରାମିଲିଟାରି ଅଧିକାରୀମାନେ ଏହି ବୈଠକରେ ଯୋଗଦାନ କରିଥିଲେୟ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ହବା ପରେ ମଣିପୁରର ସୁରକ୍ଷାକୁ ନେଇ ଏହା ଅମିତ ଶାହଙ୍କ ପ୍ରଥମ ମିଳିତ ବୈଠକ । ତେବେ ମୁଖ୍ୟମନ୍ତ୍ରୀ ପଦରୁ ଏନ ବିରେନ୍ ସିଂ ଇସ୍ତଫା ଦେବା ପରେ ଗତ ଫେବୃଆରି ୧୩ ତାରିଖରେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା । ରାଜ୍ୟ ବିଧାନସଭାର କାର୍ଯ୍ୟକାଳ ୨୦୨୭ ପର୍ଯ୍ୟନ୍ତ ରହିଥିବାବେଳେ, ବର୍ତ୍ତମାନ ତାହକୁ ରଦ୍ଧ କରିଦିଆଯାଇଛି ।

# ଆଲାନ୍ ୱାକରଙ୍କ ଆସନ୍ତା ଏପ୍ରିଲ ମାସରେ ଭାରତର ୪ଟି ନୂଆ ସହରରେ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ଅକ୍ଟୋବର ୨୦୨୪ରେ ୯ ଟି ସହର ବିଶିଷ୍ଟ ୱାକରୱାର୍ଲଡ ଟୁର୍ ପରେ ଗ୍ଲୋବାଲ ଇଲେକ୍ଟ୍ରୋନିକ୍ ମ୍ୟୁଜିକ୍ ପାୱାରହାଉସ୍ ଆଲାନ୍ ୱାକର୍ ସ୍ୱେସ୍ବାଉଣ୍ଡ୍ ସହିତ ଭାରତ ଫେରିବାକୁ ଯାଉଛନ୍ତି ଏବଂ ଚଳିତ ଏପ୍ରିଲ ୨୦୨୫ରେ ଭାରତର ୪ଟି ଅତିରିକ୍ତ ସହରକୁ ତାଙ୍କ ଦସ୍ତଖତ ଶବ୍ଦ ଏବଂ ବିଜୁଳି ଶକ୍ତି ଆଣିଛନ୍ତି, ଯେଉଁଠାରେ ସେ ପ୍ରଥମ ଥର ପାଇଁ ବଜାଯିବେ! ୧,୬୦,୦୦୦ରୁ ଅଧିକ ପ୍ରଶଂସକ ଥିବା ୱାକରୱାର୍ଲ୍ଡ ଟୁର୍ ଜରିଆରେ ରେକର୍ଡ ଭାଙ୍ଗିବା ପରେ ୱାକର ଏବେ ଏକ ଅବିସ୍ମରଣୀୟ ଲାଇଭ୍ ଅନୁଭୂତି ପାଇଁ ଗୌହାଟୀ, ଭୁବନେଶ୍ୱର, ହାଇଦ୍ରାବାଦ ଏବଂ ଜୟପୁରକୁ ଅକ୍ତିଆର କରିବାକୁ ପ୍ରସ୍ତୁତ ହେଉଛନ୍ତି।

ଆଲାନ୍ ୱାକର: ୱାକର ୱାର୍ଲ୍ଡ ଇଣ୍ଡିଆ ଟୁର ଏପ୍ରିଲ ୧୭, ୨୦୨୫ରେ ଗୌହାଟୀରେ, ହାଇଦ୍ରାବାଦ ୧୮ ଏପ୍ରିଲ, ଭୁବନେଶ୍ୱର ୧୯ ଏପ୍ରିଲ ଏବଂ ୨୦୨୫ ଏପ୍ରିଲ ୨୦ରେ ଜୟପୁରରେ ଆରମ୍ଭ ହେବ । ଶୁକ୍ରବାର, ଫେବୃଆରୀ ୨୮, ୨୦୨୫ ଦିନ ୧୨ଟାରେ ଭାରତର ଅଗ୍ରଣୀ ମନୋରଞ୍ଜନ ସ୍ଥଳ ବୁକ୍ମାଇସୋରେ ଟିକେଟ ଲାଇଭ୍ ହେବ, ଯାହାର ମୂଲ୍ୟ ମାତ୍ର ୯୯୯/- ଟଙ୍କାରୁ ଆରମ୍ଭ ହୋଇଛି ।

ସ୍ୱେସ୍ବାଉଣ୍ଡର ସିଇଓ କରଣ ସିଂହ କହିଛନ୍ତି, "ଆଲାନ୍ ୱାକରଙ୍କ ୱାକର୍ ୱାର୍ଲ୍ଡ ଟୁର୍ ଆମ ବଜାରରେ ଅନ୍ତର୍ଜାତୀୟ କଳାକାରମାନଙ୍କ ପାଇଁ କ'ଣ ସମ୍ଭବ ତାହାକୁ ସମ୍ପୂର୍ଣ୍ଣ ଭାବେ ପୁନଃନିର୍ଦ୍ଧାରଣ କରିଛି। ଗତବର୍ଷ ଯେତେବେଳେ ଆମେ ଏହି ଗସ୍ତକୁ ଜବରଦସ୍ତ ପ୍ରତିକ୍ରିୟା ଦେଖିଥିଲୁ, ସେତେବେଳେ ଆମେ ସୀମାକୁ ଆହୁରି ଆଗକୁ ବଢ଼ାଇବାର ସୁଯୋଗ ପାଇଥିଲୁ। ଅନ୍ତର୍ଜାତୀୟ ଟୁର୍ ଦ୍ୱାରା ପାରମ୍ପରିକ ଭାବରେ ଅଣଦେଖା କରାଯାଉଥିବା ୱାକରଙ୍କୁ ବଜାରକୁ ଆଣିବାର ଅସାଧାରଣ ସଫଳତା ଆମର ବିଶ୍ୱାସକୁ ପ୍ରମାଣିତ କରେ ଯେ ବିଶ୍ୱସ୍ତରୀୟ ମନୋରଞ୍ଜନ କେବଳ ମେଟ୍ରୋରେ ସୀମିତ ରହିବା ଉଚିତ୍ ନୁହେଁ । ସମଗ୍ର ଭାରତରେ ପ୍ରଶଂସକଙ୍କ ନିକଟରେ ଅଧିକ ଅନ୍ତର୍ଜାତୀୟ କଳାକାରଙ୍କୁ ଆଣି ଏହି ଗତି ଜାରି ରଖିବାକୁ ଆମେ ସଂକଳ୍ପବଦ୍ଧ । ୱାକର୍ ଆମର ଦୃଷ୍ଟିକୋଣକୁ ଗ୍ରହଣ କରିବାକୁ ଏବଂ ସମଗ୍ର ଦେଶର ପ୍ରଶଂସକଙ୍କ ସହ ଯୋଡ଼ିହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ଯାହା ଭାରତୀୟ ଦର୍ଶକଙ୍କ ସହିତ ତାଙ୍କର ପ୍ରକୃତ ସମ୍ପର୍କକୁ ପ୍ରତିଫଳିତ କରେ । ବିଶ୍ୱ ଭ୍ରମଣ ସର୍କିଟରେ ଭାରତର ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଏହା ଆମର ମିଶନର କେବଳ ଆରମ୍ଭ।"

# ବାଂଲାଦେଶ ଆସି ନିଜ ଲୋକଙ୍କୁ ନ୍ୟାୟ ଦେବି

## ୟୁନୁସଙ୍କୁ ଚ୍ୟାଲେଞ୍ଜ ଦେଲେ ହସିନା

**ଢାକା,୨।୩(ଏଜେନ୍ସି):** ଭାରତରେ ନିର୍ବାସିତ ଜୀବନ ବିତାଉଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା କହିଛନ୍ତି ଯେ, ସେ ଖୁବ୍ ଶୀଘ୍ର ତାଙ୍କ ଦେଶକୁ ଫେରିପାରନ୍ତି । ସେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ମହମ୍ମଦ ୟୁନୁସଙ୍କୁ ଦେଶର ବ୍ୟବସ୍ଥାକୁ ପଥଚ୍ୟୁତ କରିବାର ଅଭିଯୋଗ କରିଛନ୍ତି । ଭାରତରୁ ଏକ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି ଯେ, ସେ ଢାକା ଫେରି ୟୁନୁସଙ୍କ ବେଆଇନ କାର୍ଯ୍ୟକଳାପର ତଦନ୍ତ କରିବେ ଏବଂ ଲୋକଙ୍କୁ ନ୍ୟାୟ ଦେବେ । ବାଂଲାଦେଶର ସବୁଠାରୁ ଦୀର୍ଘ ସମୟ ଧରି ପ୍ରଧାନମନ୍ତ୍ରୀ ଥିବା ହସିନା ଦେଶରେ ବ୍ୟାପକ ବିରୋଧ ଏବଂ ହିଂସା ପରେ ୫ ଅଗଷ୍ଟ ୨୦୨୪ରେ ଢାକା ଛାଡି ଭାରତ ଆସିଥିଲେ । ଆୱାମୀ ଲିଗ୍ ଦଳର ନେତା ଶେଖ୍ ହସିନା ତାଙ୍କ ଦେଶର ଲୋକମାନଙ୍କୁ ଏକ ଭିଡିଓ ବାର୍ତ୍ତାରେ କହିଥିଲେ, ମୁଁ ଫେରି ଆସିବି ଏବଂ ସମସ୍ତଙ୍କର ଯାଞ୍ଚ କରାଯିବ । ମହମ୍ମଦ ୟୁନୁସଙ୍କ ସରକାର ଆତଙ୍କବାଦୀମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିଛନ୍ତି । ସେମାନେ ଲୋକଙ୍କୁ ହତ୍ୟା କରୁଛନ୍ତି ଏବଂ ରାସ୍ତାରେ ତାଣ୍ଡବ ରଚୁଛନ୍ତି । ସେମାନେ ବାଂଲାଦେଶର ପ୍ରତିଷ୍ଠାନଗୁଡ଼ିକୁ ବେଆଇନ ଭାବରେ ଦଖଲ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ହସିନା କହିଛନ୍ତି,ମୁଁ ଫେରି ଆସିବି ଏବଂ ମୋ ଲୋକଙ୍କ ପାଇଁ ନ୍ୟାୟ ଆଣିବି । ହସିନା



ଆତଙ୍କବାଦୀଙ୍କୁ ମୁକ୍ତ କରିବା ଏବଂ ସେମାନଙ୍କୁ ଦେଶର ପ୍ରତିଷ୍ଠାନଗୁଡ଼ିକୁ ବେଆଇନ ଭାବରେ ଦଖଲ କରିବାକୁ ଅନୁମତି ଦେବାର ଅଭିଯୋଗ ଆଣିଛନ୍ତି। ହସିନା ତାଙ୍କ ସମର୍ଥକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ, ସେ ଢାକା ଫେରି ନ୍ୟାୟ ପାଇଁ ଲଢ଼ିବେ। ହସିନା ଏହା ମଧ୍ୟ ସୂଚାଇ ଦେଇଛନ୍ତି ଯେ, ସେ ବାଂଲାଦେଶର ଆଗାମୀ ନିର୍ବାଚନରେ ଆୱାମୀ ଲିଗର ନେତୃତ୍ୱ ନେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଆଗାମୀ ସମୟରେ ବାଂଲାଦେଶର ରାଜନୀତିରେ ଅନେକ ପରିବର୍ତ୍ତନ ଦେଖାଯାଇପାରେ । ଏହାର ଦୁଇଟି ପ୍ରମୁଖ କାରଣ ଅଛି । ପ୍ରଥମତଃ, ହସିନାଙ୍କ ପକ୍ଷରୁ ବାଂଲାଦେଶ ଫେରିବା ବିଷୟରେ ସୂଚନା ମିଳିଛି । ଏହା ବ୍ୟତୀତ ତାଙ୍କ ବିରୋଧରେ ପ୍ରତିବାଦ କରୁଥିବା ଛାତ୍ରମାନେ ମଧ୍ୟ ଏକ ରାଜନୈତିକ ଦଳ ଗଠନ କରିବାକୁ ଘୋଷଣା କରିଛନ୍ତି । ଏପରି ପରିସ୍ଥିତିରେ, ହସିନାଙ୍କ ଆୱାମୀ ଲିଗ୍ ଏବଂ ଛାତ୍ର ଗୋଷ୍ଠୀ ମଧ୍ୟରେ ଏକ ବଡ଼ ଧରଣର ଲଢେଇ ଦେଖିବାକୁ ମିଳିପାରେ । ଶେଖ ହସିନାଙ୍କୁ କ୍ଷମତାରୁ ବିତାଡ଼ିତ କରିଥିବା ପ୍ରତିବାଦର ନେତୃତ୍ୱ ନେଇଥିବା ଛାତ୍ରମାନେ ସମ୍ପ୍ରତି ଏକ ରାଜନୈତିକ ଦଳ ଗଠନ ଘୋଷଣା କରିଛନ୍ତି । ମହମ୍ମଦ ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାରରେ ପରାମର୍ଶଦାତା ଥିବା ଛାତ୍ର ନେତା ନାହିଦ ଇସଲାମ ଏକ ନୂତନ ଦଳର ନେତୃତ୍ୱ ନେବା ପାଇଁ ସରକାରରୁ ଇସ୍ତଫା ଦେଇଛନ୍ତି । ସେ ଏହି ଦଳର ସଂଯୋଜକ ହେବେ, ଯାହା ବାଂଲାଦେଶର ଲୋକଙ୍କୁ ଏକ ରାଜନୈତିକ ବିକଳ୍ପ ପ୍ରଦାନ କରିବ ।

# ପାରାଦୀପ କଲେଜ ଇତିହାସ ବିଭାଗର ଆଲୋଚନାଚକ୍ର

ପାରାଦୀପ, ୨୮।୦୨ (ନିପ୍ର) : ପାରାଦୀପ କଲେଜ ଇତିହାସ ବିଭାଗ ପକ୍ଷରୁ 'ପ୍ରାକୃତିକ ଚିକିତ୍ସାର ଉତ୍ପତି, ଯୋଗ ଚିକିତ୍ସା ଓ ଏହାର ଐତିହାସିକ ପୃଷ୍ଠଭୂମି' ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ଅନମୟା ହଲିଷ୍ଟିକ୍ ହେଲ୍ଥ ଓ ୱେଲନେସ୍ କେନ୍ଦ୍ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡଃ. ମୋନାଲି ମଧୁସ୍ମିତା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଷୟ ଆଧାରରେ ବକ୍ତବ୍ୟ ରଖିଥିଲେ। ପାରାଦୀପ କଲେଜ ଅଧ୍ୟକ୍ଷା ଡଃ. ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ଲେଫ୍ଟନାଂଟ୍ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ଇତିହାସ



ବିଭାଗ ଅଧ୍ୟାପିକା ସଂଘମିତ୍ରା ପ୍ରଧାନ ଆଲୋଚନାର ବିଷୟବସ୍ତୁ ଉପରେ ସମ୍ୟକ ଧାରଣା ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ। ଅଧ୍ୟାପକ ପ୍ରତୀକ କୁମାର ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଅରେଇକଣା ପଞ୍ଚାୟତ ହାଇସ୍କୁଲରେ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ

**ଧର୍ମଶାଳା,(ନି.ପ୍ର):** ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ କଳା କୌଶଳ ଓ ସୃଜନାତ୍ମକ ପରିପ୍ରକାଶ ନିମନ୍ତେ ଶିକ୍ଷା ବିଭାଗ ପକ୍ଷରୁ କେତେକ ସରକାରୀ ହାଇସ୍କୁଲରେ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ କରାଯାଉଛି । ଏହି ଅବସରରେ ଅରେଇକଣାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ମହାପାତ୍ରଙ୍କ ପ୍ରେରଣାରେ ଛାତ୍ରଛାତ୍ରୀ ମାନେ ଆମ୍ ସଂସ୍କୃତି ଆମ ଖେଳଣା ଆଧାରରେ ଶତାଧିକ ଖେଳଣା ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ । ଏହି ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ କଳା କୌଶଳ ଓ ସୃଜନାତ୍ମକ ପରିପ୍ରକାଶ ପାଇବାରେ ସହାୟକ ହୋଇପାରିବ ବୋଲି ପରିଦର୍ଶକମାନେ ମତପ୍ରକାଶ କରିଥିଲେ । ଖେଳଣା ପ୍ରସ୍ତୁତ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଅଧିକ ଶୈକ୍ଷିକ ମନସ୍କ କରିବା ସହିତ ସୃଜନଶୀଳ ହେବାକୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଅଭିଭାବକ ଓ.ପରିଚଳନା କମିଟିର ସଦସ୍ୟସଦସ୍ୟ ସଦସ୍ୟାମାନେ ମତ ପ୍ରକାଶ କରିବା ସହିତ ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କୁ ପ୍ରଶଂସା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଦୁଷ୍ମନ୍ତ କୁମାର ରାୟ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ କିଷମର ଖେଳଣାର ମୂଲ୍ୟାଙ୍କନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସଞ୍ଜୟ ରାଉତ, ଗଣେଶ୍ୱର ବେହେରା, କାଳୁ ଚରଣ ନାୟକ, ପ୍ରଦୀପ ରାଉତ ଚୁଗୁଲି ମହାନ୍ତି, ଦେବରଞ୍ଜନ ରାଉତରାୟ, ଶିକ୍ଷୟିତ୍ରୀ ସଙ୍ଗୀତା ଜେନା, ସଙ୍ଗୀତା ରାଣୀ ଜେନା, ଦ୍ରୌପଦୀ ନାୟକ ଓ ପ୍ରମୋଦ ନାୟକ, ବିଜୟ ବାରିକ, ସୀତାନାଥ ତରେଇ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ପରିଚାଳନା କରିଥିଲେ।

# ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ଚୟନ ସମ୍ପର୍କିତ ସ୍ୱତନ୍ତ୍ର ସମିତି ବୈଠକ

**ପାତ୍ରପୁର,(ନି.ପ୍ର) :** ପାତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଦିନ ପଞ୍ଚାୟତ ସମିତି ବ୍ଲକ ଅଧକ୍ଷା ୱାଇ ସଞ୍ଜୁକ୍ତା ରେଡିଙ୍କ ଅଧକ୍ଷତାରେ ଗୁରୁବାର ଦିନ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ଚୟନ ସମ୍ପର୍କିତ ସ୍ୱତନ୍ତ୍ର ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାତ୍ରପୁର ବ୍ଲକରେ ତୁମ୍ବା, ବୁରାଡାଲ ପଞ୍ଚାୟତର ଜନ୍ମ ମୃତ୍ୟୁ ପ୍ରମାଣପତ୍ର ଠିକ୍ ସମୟରେ ହେଉନଥିବାରୁ ବହୁ ଜନସାଧାରଣ ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଥିବା, ସହ ସେହି ଦୁଇ ପଞ୍ଚାୟତ ରଅଙ୍ଗନବାଡ଼ି କେନ୍ଦ୍ରର ଅଙ୍ଗନବାଡ଼ି ଦିଦିମାନେ ସପ୍ତାହ ରେ ଦୁଇ ତିନି ଦିନ ଉପସ୍ଥିତ ହେଉଥିବା ଅଭିଯୋଗ ହେଇଥିବା



ଦେଖିବାକୁ ମିଳିଛି। ଅଙ୍ଗନବାଡ଼ି, ଆଶା ଦିଦି ମାନେ ଜନ୍ମଗ୍ରହଣ କରିଥିବା ପିଲା ମାନଙ୍କ ଜନ୍ମ ପ୍ରମାଣ ପତ୍ର ବୋଲି ସିଡିପିଓ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିବା ବେଳେ ଭାରପ୍ରପ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନ, ଅତିରିକ୍ତ ତହସିଲଦାର ଦୀଲିପ କୁମାର ଦେହୁରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଘନଶ୍ୟାମ ଡାକୁଆ ଉପସ୍ଥିତ ରହି ମଞ୍ଚାସୀନ ଥିଲେ। ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ପୁଷ୍ପାଞ୍ଜଳି ଓ ପ୍ରଦ୍ୱିପ ପ୍ରଜ୍ୱଳନ କରି ବୈଠକର ଶୁଭାରମ୍ଭ କରାଯାଇଥିଲା। ପରେ ଜିପିଓ ପୂର୍ବ ବିବରଣୀ ପାଠ କରିଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ଚୟନ ସମ୍ପର୍କିତ ବିଷୟରେ ଉପସ୍ଥିତ ପିଆରଆଇ ମେମ୍ବର ମାନଙ୍କୁ ଅବଗତ କରାଇଥିଲେ। ଏଥି ସହିତ ବିଧାୟକ ଉପସ୍ଥିତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନଙ୍କୁ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଥିଲେ।

# ବୋଡ଼େନ ପଞ୍ଚାୟତ ସମିତି ବୈଠକ

**ବୋଡ଼େନ,(ନି.ପ୍ର):** ବୋଡ଼େନ ପଞ୍ଚାୟତ ସମିତି ସଭାଗୃହରେ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ଉପରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରତିନିଧି ଆଇନଜିବୀ ଯୋଗେନ୍ଦ୍ର ନାଥ ମାଝୀ, କଳାହାଣ୍ଡି ସାଂସଦ ପ୍ରତିନିଧି ବିଜୟ କୁମାର ବେହେରା,ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ, ବ୍ଲକ ଅଧକ୍ଷା ପ୍ରେମ ଶିଳା ନାଗ, ବିଡିଓ ସୁଶାନ୍ତ କୁମାର ରଣା,ଉପାଧକ୍ଷା ସଙ୍ଗୀତା ମାଝୀ, ଜିଲ୍ଲା ପରିଷଦ ସଦସ୍ୟା ସ୍ମୃତି ସିଂ ମାଝୀ ପ୍ରମୁଖ ମଞ୍ଚାସିନ ଥିବାବେଳେ ସମସ୍ତ ସରପଞ୍ଚ ଓ ସମିତି ସଦସ୍ୟ ସଦସ୍ୟା, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ତଥା ସମସ୍ତ ବିଭାଗର ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ଜିପିଡି ଓ ଭୀଷ୍ମ କୁମାର ମଞ୍ଚ ସଂଯୋଜନା କରୁଥିଲେ। ବୈଠକରେ ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ, କୃଷି, ଉଦ୍ୟାନ, ପ୍ରାଣୀ ସମ୍ପଦ, ମତ୍ସ୍ୟ, ଜଙ୍ଗଲ, ମହିଳା ଓ ଶିଶୁ ଉନ୍ନୟନ, ସାମାଜିକ ସୁରକ୍ଷା, ଯୋଗାଣ ଓ ଖାଉଟି କଲ୍ୟାଣ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା,ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ମିଶନ ଶକ୍ତି ଯୋଜନା ଉପରେ ହୋଇଥିବା ତଥା ହେବାକୁ ଥିବା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକର ସବିଶେଷ ବିବରଣୀ ବିଭାଗୀୟ ଅଧିକାରୀ ମାନେ ପ୍ରଦାନ କରିଥିଲେ। ବୋଡ଼େନ ପଞ୍ଚାୟତ ସମିତି ଅଧିନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ଯଥା ରାସ୍ତା, ଗୃହ, ଭାଗବତ ଟୁଙ୍ଗି, ବିଜୁଳି ସଂଯୋଗିକରଣ ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା। ଓଡ଼ିଶାର ବିକାଶ ଦିଗରେ ସରକାର କେଉଁ କେଉଁ ଯୋଜନା ସବୁ କରିଛନ୍ତି ଓ କରିବେ ଯଦ୍ୱାରା ଗ୍ରାମର ବିକାଶରେ ରାଜ୍ୟର ବିକାଶ ହୋଇପାରିବ ତା'ରି ଉପରେ ସମ୍ପୂର୍ଣ୍ଣ ଆଲୋଚନା କରାଯାଇଥିଲା।



କେନ୍ଦୁଝରର ଝୁମ୍ପୁରା ସ୍ଥିତ ରାଇକଳା ଠାରେ ନିର୍ମାଣ ହେବ ଷ୍ଟାଡିଅମ ।ଏଥି ନିମନ୍ତେ ୨୦ କୋଟି ଟଙ୍କା ଅର୍ଥରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ ରାଇକଳା ଠାରେ ଏକ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଘୋଷଣା କରିଛନ୍ତି ମାରୁତି ଏକାଦଶ, ଯୋଡ଼ା ଏବଂ ଏମସିସି ସମ୍ବଲପୁର ମଧ୍ୟରେ ଖେଳା ଯାଇଥିବା ଫାଇନାଲ ମ୍ୟାଚରେ ମାରୁତି ଏକାଦଶ ଯୋଡ଼ା ବିଜୟୀ ଲାଭ କରିଥିଲା ।



ମୟୁରଭଞ୍ଜ ଜିଲ୍ଲା ରାମତୀର୍ଥ ଠାରେ ଆୟୋଜିତ ଶିମିଳିପାଳ ମିନି ମାରାଥନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି ।

### ଶାକ୍ୟମୁନି ଗୌତମ ବୁଦ୍ଧ ଚ୍ୟାଲେଞ୍ଜ କପ-୨୦୨୫

# ମାନପୁରକୁ ହରାଇ ତଳମୂଳ ବିଜେତା



ଅନୁଗୋଳ ୨/୩ ): ଗ୍ରାମାଞ୍ଚଳରେ କ୍ରୀଡ଼ାପ୍ରତିଯୋଗୀତ ଆୟୋଜନ କରି ଯୁବଗୋଷ୍ଠୀ ମଧ୍ୟରେ ଭାଇଚାରା ସମ୍ପର୍କ ବୃଦ୍ଧି ହେବା ସହିତ କ୍ରୀଡ଼ା ପ୍ରତି ପ୍ରେରଣା ଯୋଗାଉଛି ବୋଲି ଟୁର୍ଣ୍ଣାମେଂଟ ଉଦଯାପନି ତଥା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ରେ ଅନୁଗୋଳ ୨୭ ନଂ ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ଚନ୍ଦ୍ର ନାଏକ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରେ ପ୍ରକାଶ କରିଥିଲେ ହିନ୍ଦୋଳ ବ୍ଲକ ଅନ୍ତର୍ଗତ ସଂଜପଡା ପଂଚାୟତ ବୁଦ୍ଧନଗର ଖେଳ ପାଡ଼ିଆ । ଠାରେ ତୃତୀୟ ଶାକ୍ୟମୁନି ଗୌତମ ବୁଦ୍ଧ ଚ୍ୟାଲେଞ୍ଜ କପ-୨୦୨୫ ଅନୁଷ୍ଠିତ ହୋଇଥିଲାପନ୍ଦର ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଂଟ ର ଫାଇନାଲ ମ୍ୟାଚ ତଳମୂଳ ଓ ମାନପୁର ମଧ୍ୟରେ ରବିବାର ଅନୁଷ୍ଠିତ ହୋଇଥିଲା ତଳମୂଳ ଚମ୍ପିଆନ ଆଖ୍ୟା ପାଇଥିବା ବେଳେ ମାନପୁର ରନର୍ସ ଅପ ହୋଇଥିଲା ଉକ୍ତ ଟୁର୍ଣ୍ଣାମେଂଟରେ ତଳମୂଳ, ମାନପୁର,କୁଚିଲା ମୁଣ୍ଡା, ଗାଲପଡା, କଡଲା, ମାହଲଣ୍ଡା, ଘୁଡଘୁଡା, ପଧାନୀ, ତେନ୍ତୁଳିହତା, ବୀର ବାହାନପୁର, ମସାଣୀଆ, ଖଡଗପ୍ରସାଦ ପ୍ରଭୃତି ୧୬ଟି ଗ୍ରାମାଞ୍ଚଳ କ୍ରିକେଟ ଟିମ ଅଂଶ ଗ୍ରହଣ କରିଥିଲେ । ଉଦଯାପନି ସମରୋହ ରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆମ୍ବେଦକରବାଦୀ ତଥା ଢେଙ୍କାନାଳ ର ବରିଷ୍ଠ ଆଇନଜୀବୀ ପ୍ରଦ୍ୟୁମ୍ନ ନାଏକ, ନାୟାଭାଗହୀରଥୀ ପୁର ସରପଞ୍ଚ ଜଟି ନାଏକ,ସମାଜ ସେବୀ ରାଜଶ୍ରୀ ନାଏକ,ସାମ୍ବାଦିକ ବନମାଳୀ ନାଏକ,ସମାଜସେବୀ ମୁନା ବେହେରା, ସୁନୀଲ ନାଏକ ପ୍ରମୁଖ ଯୋଗ ଦେଇ ଖେଳାଳୀ ଓ ଆୟୋଜକ ଙ୍କୁ ଉତ୍ସାହିତ କରିବା ସହିତ ଟ୍ରଫି ଓ ପୁରସ୍କାର ବିତରଣ କରିଥିଲେମୁଖ୍ୟ ଆୟୋଜକ ଅନନ୍ତ ନାଏକ ଙ୍କ ସମେତ ହେମନ୍ତ, ସୁଶାନ୍ତ, ପ୍ରଶାନ୍ତ, ସଞ୍ଜୟ, ନିର୍ମଳ, ଆକାଶ, କୃପାସିନ୍ଧୁ,ଗୋବିନ୍ଦ, ନୃସିଂହ, ସୁନୀଲ, ରାମ, ଅଭୟ, ବବ୍ଲୁ, ମଦନ, ସୁମନ୍ତ, ମୋହନ, ଶୁସୀଲ, କୀର୍ତ୍ତନ, ବିଭୁତି, ଦିପୁ ଏବଂ କନ୍ଦର୍ପ ପ୍ରମୁଖ ଯୁବଗୋଷ୍ଠୀ ଟୁର୍ଣ୍ଣାମେଂଟ ପରିଚାଳନା କରିଥିଲେ ।

# ୩୦୦ ଦିନିକିଆ କ୍ଲବ୍‌ରେ ବିରାଟ

ଦୁବାଇ: ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଗ୍ରୁପ୍ ଏ ଶେଷ ମ୍ୟାଚ୍ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯାଉଛି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ଫଳରେ ଟିମ୍ ଇଣ୍ଡିଆ । ବ୍ୟାଟିଂ ଆରମ୍ଭ କରିଛି ।ମ୍ୟାଚ୍‌ରେ ବିରାଟ କୋହଲି ତାଙ୍କର ୩୦୦ତମ ଏକଦିବସୀୟ ମ୍ୟାଚ୍ ଖେଳିଛନ୍ତି ଏହା ସହିତ ସେ ୩୦୦ ଦିନିକିଆ । କ୍ଲବ୍‌ରେ ଯୋଗଦେଇଛନ୍ତି । ତାଙ୍କ ପୂର୍ବରୁ କେବଳ ସଚିନ ତେନ୍ଦୁଲକର, ଏମଏସ ଧୋନି, ମହମ୍ମଦ ଆଝାରୁଦ୍ଦିନ, ରାହୁଲ ଦ୍ରାବିଡ, ସୌରଭ ଗାଙ୍ଗୁଲି ଏବଂ ଯୁବରାଜ ସିଂହ ଏହି ସଫଳତା ହାସଲ କରିପାରିଥିଲେ ଏପର୍ଯ୍ୟନ୍ତ, ବିରାଟ ତାଙ୍କ ଏକଦିବସୀୟ କ୍ୟାରିୟରରେ ୨୯୯ଟି ମ୍ୟାଚ୍ ଖେଳିଛନ୍ତି ଏବଂ ୫୮.୨୦ର ପ୍ରଭାବଶାଳୀ ହାରରେ ୧୪,୦୮୫ ରନ୍ କରିଛନ୍ତି ।ଏହି ରେକର୍ଡ ସହିତ, କୋହଲି ଭାରତୀୟ କ୍ରିକେଟରେ ୧୦୦ ଟେଷ୍ଟ, ୧୦୦ ଟି-୨୦ ଏବଂ ୩୦୦ ଦିନିକିଆ । ଖେଳିଥିବା କିଛି ବଛା ବଛା ଖେଳାଳିଙ୍କ ଗୋଷ୍ଠୀରେ ସାମିଲ ହୋଇଛନ୍ତି ବିରାଟ କୋହଲି ।ଏକଦିବସୀୟ କ୍ୟାରିୟରରେ ଏପର୍ଯ୍ୟନ୍ତ ଅନେକ ଐତିହାସିକ ଇନିଂସ ଖେଳିଛନ୍ତି ଏବଂ ଭାରତକୁ ଏକ ବଡ଼ ବିଜୟ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ।



# ପାରାଦୀପ ରେ ୨୪ତମ ଆମନ୍ତ୍ରଣ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ

## ଅଜୟ କୁମାର, ଅକ୍ଷୟ ସୁତାର, ଓସ୍କାର ଡୁଙ୍ଗଡୁଙ୍ଗ ଓ ଦେବୀପ୍ରସାଦ ଚମ୍ପିୟନ



ପାରାଦୀପ ,୨।୩: ପାରାଦୀପ ଗଲ୍ଫ କ୍ଲବ ର ୨୪ ତମ ବାର୍ଷିକ ଆମନ୍ତ୍ରଣ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଗତ ମାର୍ଚ୍ଚ ୧ ଓ ୨ ତାରିଖ ଦୁଇଦିନ ଧରି ପାରାଦୀପ ପୋର୍ଟ ଗଲ୍ଫ ପଡିଆରେ ଆୟୋଜିତ ହୋଇଯାଇଛି ପାରାଦୀପ ଗଲ୍ଫ କ୍ଲବ ଏବଂ ପାରାଦୀପ ପୋର୍ଟ ସ୍ପୋର୍ଟସ କାଉନସିଲ ମିଳିତ ସହଯୋଗରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ରେ ଭୁବନେଶ୍ୱର ଗଲ୍ଫ କ୍ଲବ ର ଅଜୟ କୁମାର ସାହୁ ସାମଗ୍ରିକ ଭାବେ ଚାମ୍ପିୟନ ହୋଇଥିବା ବେଳେ ପାରାଦୀପ ଗଲ୍ଫ କ୍ଲବ ର ଅକ୍ଷୟ ଚନ୍ଦ୍ର ସୁତାର ହାଣ୍ଡିକାପ ୦-୧୨ ବର୍ଗରେ ଚାମ୍ପିୟନ ହୋଇଥିଲେ ସେହିପରି ୧୩-୧୮ ହାଣ୍ଡିକାପ ରେ ପାରାଦୀପ କ୍ଲବ ର ଓସ୍କାର ଡୁଙ୍ଗଡୁଙ୍ଗ, ୧୯-୨୪ ହାଣ୍ଡିକାପ ରେ ଭୁବନେଶ୍ୱର କ୍ଲବ ର ଦେବୀପ୍ରସାଦ ଶତପଥି ଓ ମହିଳା ପୁଟିଙ୍ଗ ବିଭାଗରେ ପାରାଦୀପ ର ଆଞ୍ଜେଲା ଡୁଙ୍ଗଡୁଙ୍ଗ ଚାମ୍ପିୟନ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟ କୁ ପାରାଦୀପ ଗଲ୍ଫ କ୍ଲବ ର କାର୍ଯ୍ୟକାରୀ ସଭାପତି ବବୁଲ ସିକଦାର, ସମ୍ପାଦକ ମନୋଜ କୁମାର ମହନ୍ତ, ପାରାଦୀପ ଗଲ୍ଫ କ୍ଲବ ର ଅଧିନାୟକ ଏ.ସି.ସୁତାର, ଗୋପବନ୍ଧୁ କ୍ରୀଡା ସଂସଦ ର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ସ୍ଥାନରୁ ୯ ଟି ଅଗ୍ରଣୀ ଗଲ୍ଫ କ୍ଲବ ର ୭୭ ଜଣ ଗଲ୍ଫ ଖେଳାଳି ଅଂଶଗ୍ରହଣ କରିଥିଲେ ।

# ଆଫଗାନିସ୍ତାନ କ୍ରିକେଟରଙ୍କ କଲର ଧରିଲେ ପ୍ରଶଂସକ



ନୂଆଦିଲ୍ଲୀ: ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଏକ ରୋମାଞ୍ଚକର ମ୍ୟାଚରେ ଆଫଗାନିସ୍ତାନ ଇଂଲଣ୍ଡକୁ ଆଠ ରନରେ ପରାସ୍ତ କରି ଏକ ଚମତ୍କାର ବିଜୟ ରେକର୍ଡ କରିଛି ତେବେ ମ୍ୟାଚ୍ ପରେ ଲାହୋରର ଗଦାଫି ଷ୍ଟାଡିୟମରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳିଥିଲା । ଆଫଗାନିସ୍ତାନ ବନାମ ଇଂଲଣ୍ଡ ମ୍ୟାଚ୍ ଶେଷରେ ଜଣେ ପ୍ରଶଂସକ ଏପରି କିଛି କରିଥିଲେ ଯାହା ଦ୍ୱାରା ପାକିସ୍ତାନରେ ଖେଳାଳିଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି । ବାସ୍ତବରେ ମ୍ୟାଚ୍ ପରେ ଜଣେ ଦର୍ଶକ ଗଦାଫି କ୍ରିକେଟ୍ ଷ୍ଟାଡିୟମରେ ଗ୍ରାଉଣ୍ଡରେ ପ୍ରବେଶ କରିଥିଲେ ।

ଏହି ସମୟ ମଧ୍ୟରେ ସୁରକ୍ଷା କର୍ମୀମାନେ ମଧ୍ୟ ତାଙ୍କୁ ଧରିବା ପାଇଁ ଦୌଡ଼ିଯାଇ ଶୀଘ୍ର ତାଙ୍କୁ ପଡ଼ିଆରୁ ବାହାରକୁ ନେଇଥିଲେ, କିନ୍ତୁ ସେତେବେଳକୁ ସେ ଜଣେ ଆଫଗାନିସ୍ତାନ ଖେଳାଳିଙ୍କ ନିକଟରେ ପହଞ୍ଚିଥିଲେ । ତାଙ୍କୁ ଆଲିଙ୍ଗନ କରିବାକୁ ଚେଷ୍ଟା କରି ସେ ଆଫଗାନିସ୍ତାନ କ୍ରିକେଟରଙ୍କ ସାର୍ଟର କଲର ଧରିଥିଲେ । ତେବେ କିଛି ସମୟ ମଧ୍ୟରେ ସୁରକ୍ଷାକର୍ମୀମାନେ ଦର୍ଶକଙ୍କୁ ପଡ଼ିଆରୁ ହଟାଇ ଦେଇଥିଲେ । ଏହି ଘଟଣା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ପୂର୍ବରୁ ଏକ ଘଟଣା ଘଟିଥିଲା ଯେତେବେଳେ ଜଣେ ବ୍ୟକ୍ତି ନ୍ୟୁଜିଲ୍ୟାଣ୍ଡ ବନାମ ବାଂଲାଦେଶ ମ୍ୟାଚ୍ ସମୟରେ ସୁରକ୍ଷା ସୀମା ଟପି ରଚିନ୍ ରବିନ୍ଦ୍ରଙ୍କୁ ଧରିବାକୁ ଚେଷ୍ଟା କରିଥିଲେ ।

## ନେଟ୍ ବୋଲରଙ୍କୁ ଜୋତା ଉପହାର

ଦୁବାଇ: ନେଟ୍ ବୋଲର ଯଶକିରଣ ସିଂହଙ୍କ ପାଇଁ ଶନିବାର ଥିଲା ।ଏକ ସ୍ୱତନ୍ତ୍ର ଦିନ ଭାରତୀୟ ଦଳର ଅଭ୍ୟାସ ପରେ ପରେ ହଠାତ ତାଙ୍କୁ ମିଳିଥିଲା ସ୍ୱତନ୍ତ୍ର ଉପହାର ଦୁବାଇସ୍ଥିତ ଆଇସିସି କ୍ରିକେଟ୍ ଏକାଡେମିରେ ବୋଲିଂ କରୁଥିଲା ବେଳେ ଭାରତୀୟ ଶୀର୍ଷକ୍ରମ ବ୍ୟାଟର୍ ଶ୍ରେୟସ୍ ଆୟର ହଠାତ ପାଖକୁ ଆସି ହଲେ ଜୋତା ଉପହାର ଦେଇଥିଲେ ତାଙ୍କୁ ଯାହାକୁ ପାଇ ଯଶକିରଣଙ୍କ ଖୁସିର ସୀମା ରହି ନଥିଲା ପେସାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେଲେ ମଧ୍ୟ ଯଶକିରଣ ହେଉଛନ୍ତି ଜଣେ ସଚ୍ଚା କ୍ରିକେଟ୍ ପ୍ରଶଂସକ ଚାମ୍ପିଅନ୍ସ ଟ୍ରଫି ଅବସରରେ ଆଇସିସି ପକ୍ଷରୁ ତାଙ୍କୁ ନେଟ୍ ବୋଲର ଭାବେ ନିଯୁକ୍ତି ଦିଆଯାଇଛି । ସେ ପାକିସ୍ତାନ ଓ ବାଂଲାଦେଶ ବ୍ୟାଟର୍‌ଙ୍କୁ ବୋଲିଂ କରିବାର ସୁଯୋଗ ପାଇଥିଲେ । ହେଲେ ଭାରତୀୟ ବ୍ୟାଟର୍‌ଙ୍କୁ ବୋଲିଂ କରି ପାରି ନଥିଲେ । ଏହି ଦୁଃଖକୁ ଶ୍ରେୟସ୍‌ଙ୍କ ଉପହାର ଦୂର କରିଦେଇଛି । ଏହି ଘଟଣାକୁ ଏକ୍ସ ପୃଷ୍ଠାରେ ପ୍ରକାଶ କରି ଉଲ୍ଲସିତ ଯଶକିରଣ କହିଛନ୍ତି, ମୁଁ ଲଙ୍ଗ ଅଫ୍‌ରେ ଫିଲ୍ଡିଂ କରୁଥିଲା ବେଳେ ଶ୍ରେୟସ୍ ଭାଇ ମୋ ପାଖକୁ ଆସି ହାଲଚାଲ୍ ପଚାରି ବୁଝିଥିଲେ । ତା ପରେ ତୁମ ଜୋତା ସାଇଜ୍ କେତେ ବୋଲି ଜାଣିବାକୁ ଚାହିଁଥିଲେ ।

# ବିଦର୍ଭ ଚଳିତ ରଣଜୀ ଚାମ୍ପିଅନ

ନୂଆଦିଲ୍ଲୀ: ବିଦର୍ଭ ଚଳିତ ରଣଜୀ ଚାମ୍ପିଅନ ମାଚ୍ୟ ଡ୍ର ସତ୍ତ୍ୱେ ଅଗ୍ରଣୀ ଭିତ୍ତିରେ ଚାମ୍ପିଅନ୍ ତୃତୀୟ ଥର ପାଇଁ ରଣଜୀ ଟ୍ରଫି ବିଜୟ ହାସଲ କରିଛି । ବିଦର୍ଭ ନାଗପୁରର ଭିସିଏ ଷ୍ଟାଡିୟମ୍‌ରେ ଚାଲିଥିବା କେରଳ ବିପକ୍ଷ ଫାଇନାଲ୍‌ର ପଞ୍ଚମ ଦିନ ଦିନ ଡ୍ର ରହିଥିଲା ।ପୂର୍ବରୁ ବିଦର୍ଭ ୨୦୧୭-୧୮ ଏବଂ ୨୦୧୮-୧୯ରେ କ୍ରମାଗତ ଦୁଇଟି ସିଜିନରେ ବିଜେତା ହୋଇଥିଲା ତେବେ ପୁଣି ୬ଟି ସିଜିନ ପରେ ମହାମୁକୁଟ ହାସଲ କରିଛି ।

ଜାତୀୟ ଦଳରୁ ଉପେକ୍ଷିତ କରୁଣ ନାୟାର ପ୍ରଥମ୍ ଶ୍ରେଣୀ କ୍ରିକେଟ୍‌ରେ ୨୩ତମ ଏବଂ ଚଳିତ ଋତୁରେ ଚତୁର୍ଥ ଶତକ ହାସଲ କରିବା ସହ ଆଉ ଏକ ସଫଳ ଋତୁ ଶେଷ କରିବାକୁ ଯାଉଛନ୍ତି କିଛି ବର୍ଷ ତଳେ କେରଳ ପାଇଁ ଡାକରା ପାଇଥିବା ଏହି ଖେଳାଳି ଏବେ ସେହି ରାଜ୍ୟ ବିପକ୍ଷରେ ଶତକ ହାସଲ କରିଛନ୍ତି ।

କେରଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବିଦର୍ଭର ଦାନିଶ ମାଲୋର ୧୫୩ ସହ ଏକ ଚମତ୍କାର ଶତକ ଏବଂ କରୁଣ ନାୟାରଙ୍କ ୮୬ ରନ୍‌ର ଇନିଂସ ବଳରେ ୩୭୯ ରନ କରିଥିଲା ଜବାବରେ କେରଳ ସଚିନ ବେବି (୯୮) ଏବଂ ଆଦିତ୍ୟ ସର୍ବତେ (୭୯)ଙ୍କ ଇନିଂସ ଯୋଗୁଁ ୩୪୨ ରନ କରିଥିଲା ବିଦର୍ଭ ଏଠାରେ ୩୭ ରନର ଲିଡ୍ ପାଇଥିଲା ତା'ପରେ ଦ୍ୱିତୀୟ ଇନିଂସରେ, କରୁଣ (୧୩୫) ଏବଂ ଦାନିଶ (୭୩)ଙ୍କ ଇନିଂସ ବଳରେ ବିଦର୍ଭ ୩୭୫ ରନ କରିଥିଲା ।



# ରାଜ୍ୟସ୍ତରୀୟ ଲେଟ୍ସ ସଟଲ୍ ୩.୦ ଉଦ୍‌ଘାଟିତ

ଭୁବନେଶ୍ୱର, ୨।୩: ଭୁବନେଶ୍ୱର ରେଲେ ଇନଡୋର୍ ଷ୍ଟାଡିୟମ୍‌ରେ ଶନିବାର ସମ୍ବାଦ ଡିଜିଟାଲ୍‌ର ରାଜ୍ୟସ୍ତରୀୟ ଲେଟ୍ସ ସଟଲ୍ ୩-୦ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ଆରମ୍ଭ ହୋଇଛି ।ଦୁଇ ଦିନିଆ । ଏହି ପ୍ରତିଯୋଗିତାକୁ ସମ୍ବାଦ ଓ କନକ ନିଉଜ୍‌ର ସମ୍ପାଦକ ତନୟା ପଟ୍ଟନାୟକ ଏବଂ ନିର୍ଦ୍ଦେଶିକା ମୋନିକା ନେୟର ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି ।ଅନ୍ୟମାନଙ୍କ ମଧ୍ୟରେ ବିଲା ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଜ୍ଞାନ ରଞ୍ଜନ ମିଶ୍ର ଓ ସମ୍ବାଦ ଗ୍ରୁପ୍‌ର ବହୁ ବରିଷ୍ଠ କର୍ମଚାରୀ ଯୋଗ ଦେଇଥିଲେ ଦୁଇଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ଯୋଗ୍ୟତା ଅର୍ଜନ କରିଥିବା ୧୦୮ ଦଳ ଅଂଶଗ୍ରହଣ କରିଛନ୍ତି ଶନିବାର ସୁଦ୍ଧା ବରିଷ୍ଠ ବର୍ଗରେ ଡିବିଏସ ଚନ୍ଦ୍ରକୁମାର-କେ ଜଗଦୀଶ, ଅମିତ ମହାନ୍ତି - ଅଭିଜିତ ମହାରଣା, ଅର୍ନିବାଣ ମଣ୍ଡଳ-ପରେଶ ମାଥୁର ଏବଂ ଅମିତ ରଞ୍ଜନ ପଣ୍ଡା-ରାହୁଲ ରାୟ ଯୋଡ଼ିସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି ।ସେହିଭଳି ଜମ୍ବଲ୍ସ ବର୍ଗରେ ଦୀପ୍ତି ପ୍ରକାଶ ସୁବୁଦ୍ଧି-କେ ମୁରଲୀ କ୍ରିଷ୍ଣା, ସୁରେନ୍ଦ୍ର ନେପାଳ-ପବିତ୍ର ବେହେରା, ଦିବ୍ୟଜ୍ୟୋତି ସିଂ-ସଞ୍ଜୟ କୁମାର ରାଉତ ଏବଂ ଅଭିଷେକ ପଟ୍ଟନାୟକ-ଦୀପକ କୁମାର ବେଶ୍ରାଙ୍କ ଯୋଡି କର୍ପୋରେଟ୍ ବର୍ଗରେ ସୁମନ୍ତ କୁମାର ମହାନ୍ତ-ପରମିତ କୁମାର ମହାନ୍ତି, ଅଭିଷେକ ପଟ୍ଟନାୟକ-ଅଗ୍ନିଶ ରାୟ, ସୁଶାନ୍ତ କୁମାର ଆଚାର୍ଯ୍ୟ-ବିଶାଳ କୁମାର ବେହେରା ଏବଂ ଦିବ୍ୟଜ୍ୟୋତି ସିଂ-ତାରିଣୀ ପ୍ରସାଦ ମାଝୀ ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି ରବିବାର ଫାଇନାଲ୍ ମ୍ୟାଚ୍ ସହ ଅପରାହ୍ଣରେ ଏହା ଉଦ୍‌ଯାପିତ ହେବ ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ